Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 2

ସଂଖ୍ୟା 44

ସାପ୍ତାହିକ ବଦର

The Weekly କାଦିଆନ

BADAR Qadian

ODIA

ବାର୍ଷିକ ଦେୟ: ୩୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 02 ନଭେମ୍ବର 2017 02 ନବୁଓ୍ୱତ୍ 1396 ହି.ଶ 12 ସଫର୍ 1439 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ଆମର ଖୁଦା କେଡ଼େ ଶକ୍ତିଶାଳୀ ଓ ଆମେ କେଡ଼େ ସୌଭାଗ୍ୟଶାଳୀ ଯେ ତାର ବାଣୀ ପବିତ୍ର କୋରାନ୍ ଉପରେ ଆମେ ଇମାନ୍ (ବିଶ୍ୱାସ) ଆଣିଛୁ । ଏବଂ ତା ରସୁଲ୍‌ର ଆମେ ଅନୁଯାୟୀ ଅଟୁ । ଏବଂ କେଡ଼େ ଅଭାଗା ସେମାନେ ଯେଉଁମାନେ ଏହି ବିଚିତ୍ରମୟ ଓ ମହିମାମୟ ଖୁଦାଙ୍କ ଉପରେ ବିଶ୍ୱାସ ଆଣୁନାହାଁନ୍ତି ।**

# ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

୮୨-ବୟାଅଶୀତମ ନିଦର୍ଶନ - ଏ ପେଶ୍‌ଗୋଇଟି ମୋ ପତ୍ରିକା ଗୁଡିକରେ ବହୁବାର ଦରଜ ହୋଇସାରିଛି । ଇନ୍ନଲ୍ଲାହା ଲା ୟୁଗୟ୍‌ଇରୁ ମା ବି କଓମିନ୍ ହତ୍‌ତା ୟୁଗୟ୍‌ଇରୁ ମା ବି ଅ ନ୍‌ଫୁସିହିମ୍ ଇନ୍ନହୁ ଆଓ୍ୱଲ୍ କର୍‌ୟାଃ । ଅର୍ଥାତ୍-ଖୁଦା ଏହି ତାଉନ୍ (Plague) କୁ ଏହି କୌମ୍‌ଠାରୁ ଦୂରେଇଦେବେ ନାହିଁ ଓ ନିଜ ସଂକଳ୍ପକୁ ବଦଳାଇବ ନାହିଁ ଯେଉଁ ପର୍ଯ୍ୟନ୍ତ ଲୋକେ ନିଜ ହୃଦୟର ଅବସ୍ଥାକୁ ନବଦଳାଇଛନ୍ତି । ଏବଂ ଖୁଦା ପରିଶେଷରେ ଏହି ଗ୍ରାମକୁ ନିଜ ଶରଣରେ ନେଇଯିବେ । ପୁଣି କହିଲେ ଲଓ୍ୱ ଲଲ୍ ଇକ୍‌ରାମୁ ଲହଲକଲ୍ ମକାମୁ । ଅର୍ଥାତ୍- ଯଦି ମୁଁ ତୁମ ମର୍ଯ୍ୟାଦାର ଆଦର କରିନଥାନ୍ତି ତେବେ ମୁଁ ଏହି ସମ୍ପୂର୍ଣ୍ଣ ଗ୍ରାମ୍‌କୁ ହଲାକ୍ କରିଦେଇଥାନ୍ତି ଓ ସେଥିରେ ଜଣଙ୍କୁ ମଧ୍ୟ ଛାଡ଼ିନଥାନ୍ତି । ପୁଣି କହିଲେ ଓ୍ୱମା କାନଲ୍ଲାହୁ ଲିୟୁଅଜିବହୁମ୍ ଓ୍ୱ ଅନ୍‌ତା ଫିହିମ୍ । ଅର୍ଥାତ୍-ଖୁଦା ଏପରି ନୁହନ୍ତି ଯେ ସେ ସମସ୍ତଙ୍କୁ ଶାସ୍ତି ଦେଇ ହଲାକ୍ କରିଥାନ୍ତା କାରଣ ତୁ ସେମାନଙ୍କ ମଧ୍ୟରେ ବାସ କରୁଅଛୁ । ମନେରଖ ଯେ ଖୁଦାତାଲାଙ୍କର ଏ ବାକ୍ୟ ଇନ୍ନହୁ ଆଓ୍ୱଲ୍ କରିୟାଃ ର ଅର୍ଥ ହେଉଛି ଖୁଦାତାଲା କିଛି ମାତ୍ରାରେ ଶାସ୍ତି ଦେବା ପରେ ଏହି ଗ୍ରାମକୁ ନିଜ ଶରଣରେ ନେଇଯିବ । ଏ ଅର୍ଥ ନୁହେଁ ଯେ କଦାପି ଏଠି ତାଉନ୍ ଆସିବ ନାହିଁ ବୋଲି । ଆଓ୍ୱା ଶବ୍ଦଟି ଆରବୀ ଭାଷାରେ ଏପରି ଶରଣ ଦେବାକୁ କୁହାଯାଏ ଯେତେବେଳେ ଜଣେ କିଛି ସମୟ ବିପତିରେ ପଡ଼ି ପୁଣି ଶାନ୍ତି ମାର୍ଗକୁ ଫେରିଆସେ । ଯେପରି ଅଲ୍ଲାଃତାଲା କହୁଛନ୍ତି ଅଲମ୍ ୟଯିଦ୍‌କ ୟତିମନ୍ ଫଆଓ୍ୱା ଅର୍ଥାତ୍ ଖୁଦାତାଲା ତୁମକୁ ୟତିମ୍ (ଅନାଥ) ଅବସ୍ଥାରେ ପାଇଲେ ଏବଂ ଅନାଥର ପୀଡାରେ ପିଡ଼ିତ ହେବା ଦେଖି ପୁଣି ଶରଣ ଦେଲେ । ପୁଣି ସେ କହୁଛନ୍ତି ଆଓ୍ୱଇନାହୁମା ଇଲା ରବ୍‌ଓ୍ୱତିନ୍ ଜାତି କରାରିଉଁ ଓ୍ୱ ମଇନ୍ । ଅର୍ଥାତ୍-ଆମ୍ଭେ ଇସା ଓ ତାଙ୍କ ମାଙ୍କୁ ଶରଣ ଦେଲୁ ଏବଂ ସେ ଦୁଇଜଣଙ୍କୁ ଗୋଟିଏ ଏପରି ପାହାଡ଼ରେ ପହଂଚାଇଦେଲୁ ଯିଏ ସବୁ ପାହାଡ଼ଠାରୁ ଉଚ୍ଚାଥିଲା । ଅର୍ଥାତ୍-ଆମେ ଇସା ଓ ତାଙ୍କ ମାଙ୍କ ଉପରେ ୟହୁଦୀମାନଙ୍କ ଅତ୍ୟାଚାର ପରେ ଓ ହଜ୍‌ରତ୍ ଇସାକୁ ଶୁଳିରେ ମାରିବା ପାଇଁ ଚେଷ୍ଟା କରିବା ପରେ । ଅର୍ଥାତ୍-କାଶ୍ମୀରର ପାହାଡ଼ ଯେଉଁଥିରେ ରୁଚିକର ପାଣି ଥିଲା ଓ ବହୁତ ସୁଖ ଓ ଆରାମ୍ ସ୍ଥାନ ଥିଲା । ଯେପରି ସୁରା କହଫ୍‌ରେ ଏହି ଆୟତ ଅଛି । ଫାଓ୍ୱ ଇଲାଲ୍ କହ୍‌ଫି ୟନ୍‌ଶୁର୍ ଲକୁମ୍ ରବ୍‌ବୁକୁମ୍ ମିର୍ ରହ୍‌ମତିହି । ଅର୍ଥାତ୍-ଗୁଫାର ଶରଣରେ ଆସିଯାଅ ଏହିପରି ଖୁଦା ନିଜ କରୁଣା ତୁମ ଉପରେ ପ୍ରଶାର କରିବ । ଅର୍ଥାତ୍ ତୁମେ ଅତ୍ୟାଚାରୀ ବାଦ୍‌ଶାହ୍ (ସମ୍ରାଟ)ଙ୍କ ଅତ୍ୟାଚାରରୁ ମୁକ୍ତି ପାଇଯିବ । ସୁତରାଂ ଶବ୍ଦଟି ସବୁବେଳେ ସେହି ସମୟରେ ଆସେ ଯେବେ ଜଣେ ବ୍ୟକ୍ତି କିଛି ସମୟ ପାଇଁ କୌଣସି ବିପତିରେ ପଡ଼ି ପୁଣି ଶାନ୍ତିପ୍ରାପ୍ତ କରିଥାଏ । ଏହି ପେଶ୍‌ଗୋଇ କାଦିଆନ୍ ନିମନ୍ତେ ଅଛି । ସୁତରାଂ କେବଳ ଥରଟିଏ ପ୍ରଭାବଶାଳୀ ତାଉନ୍‌ର ଆକ୍ରମଣ କାଦିଆନ୍‌ରେ ହେଲା ଏହାପରେ ତାର ପ୍ରଭାବ କମ୍ ହୋଇଗଲା । ଏପରିକି ଏବର୍ଷ ଜଣେ ଲୋକ ମଧ୍ୟ କାଦିଆନ୍‌ରେ ତାଉନ୍ ଯୋଗୁ ମରିନାହିଁ । ଯଦିଚ ଆଖ ପାଖରେ ଶହଶହ ଲୋକ ତାଉନ୍ ଦ୍ୱାରା ମରିଗଲେ ।

୮୩-ତେୟାଅଶୀତମ ନିଦର୍ଶନ-ଥରେ ମୁଁ ଆମ ଚୌବାରା (ଘର ଉପରେ ଥିବା ଛୋଟିଆ ଘର ଯାହାର ଚାରିପଟେ କବାଟ ବା ଝରକା ଥାଏ) ରେ ବସିଥିଲି । ଯାହା ଛୋଟ ମସ୍‌ଯିଦ୍ ସହିତ ସଂଲଗ୍ନ ଅଛି ଯାହାର ନାମ ଖୁଦାତାଲା ବଇତୁଲ୍ ଫିକର୍ ରଖିଛନ୍ତି । ଏବଂ ମୋ ପାଖରେ ମୋର ଜଣେ ସେବକ ଯାହାଙ୍କ ନାମ ହାମିଦ୍ ଅଲୀ । ସେ ମୋ ଗୋଡ଼ ଦବାଉଥିଲେ । ସେ ସମୟରେ ମୋତେ ଏଲ୍‌ହାମ୍ ହେଲା ତରା ଫଖ୍‌ଜନ ଅଲିମନ୍ । ଅର୍ଥାତ୍- ତୁ ଗୋଟିଏ ପୀଡାଦାୟକ ଜଂଘ ଦେଖିବୁ । ମୁଁ ହାମିଦ୍ ଅଲୀଙ୍କୁ କହିଲି ଯେ ବର୍ତମାନ ମୋତେ ଏହି ଏଲ୍‌ହାମ୍ ହୋଇଅଛି । ସେ ମୋତେ ଏ ଉତର ଦେଲେ ଯେ ଆପଣଙ୍କ ହାତରେ ଗୋଟିଏ ଛୋଟିଆ ବଥ ହୋଇଛି । ହୋଇପାରେ ଏଥିପ୍ରତି ଇଙ୍ଗିତ ହୋଇଥିବ । ମୁଁ ତାକୁ କହିଲି ଯେ ହାତ କୋଉଠେ ଜଂଘ କୋଉଠେ । (ତୁମର) ଏ ଭାବନା ମୂଲ୍ୟହୀନ ଓ ବୁଦ୍ଧିସଂଗତ ନୁହେଁ । ଓ (ହାତରେ ହୋଇଥିବା) ଛୋଟିଆ ବଥ ତ ବ୍ୟଥା ହୁଏନାହିଁ । ଏବଂ ଏଲ୍‌ହାମ୍‌ରେ ଏହା କୁହାଯାଇଛି ଯେ ତୁ ଦେଖିବୁ । ଏହା କୁହାଯାଇନାହିଁ ଯେ ବର୍ତମାନ ତୁ ଦେଖୁଅଛୁ ବୋଲି । ଏହାପରେ ଆମେ ଦୁଇଜଣଯାକ ବଡ଼ ମସ୍‌ଜିଦ୍‌ରେ ନମାଜ ପଢ଼ିବା ପାଇଁ ଚୌବାରାରୁ ଓହ୍ଲେଇଲୁ । ନମାଜ ପଢ଼ିବା ପାଇଁ ତଳକୁ ଓହ୍ଲାଇ ଆମେ ଦେଖିଲୁ ଯେ ଦୁଇଜଣ ବ୍ୟକ୍ତି ଘୋଡାରେ ବସି ମୋ ଆଡ଼କୁ ଆସୁଛନ୍ତି । ଦୁଇଜଣଯାକ ବିନା ଜିନ୍‌ରେ ଦୁଇଟି ଘୋଡାରେ ବସିଥିଲେ । ଦୁଇଜଣଙ୍କ ବୟସ ୨୦ ବର୍ଷରୁ କମ୍ ଥିଲା । ସେମାନେ ମୋତେ ଦେଖି ସେଠାରେ ରହିଗଲେ । ତାଙ୍କ ମଧ୍ୟରୁ ଜଣେ କହିଲା ଦ୍ୱିତୀୟ ଘୋଡ଼ାରେ ବସିଥିବା ବ୍ୟକ୍ତି ହେଉଛି ମୋ ଭାଇ । ଜଂଘ ଦରଜ ଯୋଗୁଁ ବହୁତ ବିମାର୍ ଅଛି ଓ ବହୁତ ନିରୁପାୟ ହୋଇଯାଇଛି । ସେଥିଯୋଗୁଁ ଆମେ ଆପଣଙ୍କ ପାଖକୁ ଆସିଅଛୁ ଯେ ଆପଣ କୌଣସି ଔଷଧର ବ୍ୟବସ୍ଥା କରିବେ । ମୁଁ ହାମିଦ୍ ଅଲୀଙ୍କୁ କହିଲି ଅଲ୍‌ହମ୍‌ଦୋଲିଲ୍ଲାଃ ମୋ ଏଲ୍‌ହାମ୍ ଏତେ ଶିଘ୍ର ପୁରା ହେଲା ଯେ କେବଳ ସେତିକି ସମୟ ଲାଗିଲା ଯେତିକି ଡେରି ସିଡ଼ିରୁ ଓହ୍ଲାଇବା ପାଇଁ ଲାଗେ । ଶେଖ୍ ହାମିଦ୍ ଅଲୀ ଏ ପର୍ଯ୍ୟନ୍ତ ଜୀବିତ ଅଛି, ଯିଏ ଥା ଗୁଲାମ୍ ନବୀ ମୌଜାର ବାସିନ୍ଦା ଅଟେ ଓ ଏବେ ସେ ମୋ ପାଖରେ ଅଛି । କୌଣସି ବ୍ୟକ୍ତି ଅନ୍ୟପାଇଁ ନିଜ ଇମାନ୍‌କୁ ନଷ୍ଟ କରିପାରିବ ନାହିଁ । ଯଦି ସମ୍ପର୍କ ଗୁରୁ ଶିଷ୍ୟର ମଧ୍ୟ ଥିବ ଓ ଯଦି କେହି ତାର ଶିଷ୍ୟକୁ ଏହା କହେ ଯେ ମୁଁ ମୋ ନିଜ ପାଇଁ ଗୋଟିଏ ମିଥ୍ୟା (ମନଗଢ଼ା) କରାମତ୍ (ଚମତ୍କାର)ର ଯୋଜନା ତିଆରି କରିଛି ତେଣୁ ତୁ ମୋ ପାଇଁ ସାକ୍ଷୀ ଦେଇ ଦେ ବୋଲି । ତେବେ ସେ ଶିଷ୍ୟ ମନରେ ନିଶ୍ଚିତ କହିବ ଯେ ଇଏ ତ ଜଣେ ପ୍ରବଂଚକ ଓ ଖରାପ ଲୋକ, ମୁଁ ବେକାର୍‌ରେ ଆ ହାତରେ ହାତ ଦେଇ (ବୟତ) କରିଛି । ଏହିପରି ମୁଁ ଏ ପତ୍ରିକାରେ ଯେତେଗୁଡିଏ ପେଶ୍‌ଗୋଇ ଲେଖିଛି ମୋର ହଜାର ହଜାର ଶିଷ୍ୟ ସେଗୁଡିକର ସତ୍ୟତାର ସାକ୍ଷୀ ଅଛନ୍ତି । ଜଣେ ଜାହିଲ୍ (ମୁର୍ଖ) ଏପରି କହିପାରେ ଯେ ଶିଷ୍ୟର ସାକ୍ଷୀରେ କଣ ଭରଷା ଅଛି । (କିନ୍ତୁ) ମୁଁ କହୁଅଛି ଯେ ଏପରି ସାକ୍ଷୀଠାରୁ ବଳି ଆଉ କୌଣସି ସାକ୍ଷୀ ନାହିଁ କାରଣ ଏ ସମ୍ପର୍କ କେବଳ ଦୀନ୍ (ଧର୍ମ) ପାଇଁ ହୁଏ । ଓ ମଣିଷ ସେ ବ୍ୟକ୍ତିର ଶିଷ୍ୟତ୍ୱ ଗ୍ରହଣ କରେ ଯାହାକୁ ସେ ସଂସାରର ସମସ୍ତଙ୍କଠାରୁ ଅଧିକା ଚରିତ୍ରବାନ୍, ସତ୍ୟନିଷ୍ଠ ଓ ସତ୍ୟବାଦୀ ବୋଲି ବିବେଚନା କରିଥାଏ । (ତେଣୁ) ପୁଣି ଯଦି ଗୁରୁଙ୍କର ଏପରି ଅବସ୍ଥା ହୋଇଥିବ ଯେ ସେ ଶହ ଶହ ମିଥ୍ୟା ପେଶ୍‌ଗୋଇ ନିଜ ତରଫରୁ ଗଢ଼ି ଶିଷ୍ୟଙ୍କ ଆଗରେ ହାତ ଯୋଡ଼ିବ ଯେ ମୋ ପାଇଁ ମିଛ କହିଦିଅ ଓ କୌଣସି ପ୍ରକାରେ ମିଛ କହି ମୋତେ ଓ୍ୱଲି (ଇଶ୍ୱର ଭକ୍ତ) କରାଇଦିଅ । ତେବେ ତାଙ୍କୁ ତାର ଶିଷ୍ୟମାନେ ଜଣେ ପୁଣ୍ୟବାନ୍ ବ୍ୟକ୍ତି ବୋଲି କାହିଁକି କହିବେ ଏବଂ କାହିଁକି ମନପ୍ରାଣ ଦେଇ ତାର ସେବା କରିବେ । ତାକୁ ତ ଜଣେ ସଇତାନ୍ ବୋଲି ବିବେଚିତ କରିବେ ଏବଂ ତା ଠାରୁ ଦୂରେଇଯିବେ । ମୁଁ ତ ଏପରି ଶିଷ୍ୟଙ୍କୁ ଲାନତ୍ (ଧିକ୍କାର୍) କରୁଛି ଯିଏ ମୋ ପାଇଁ ମିଥ୍ୟା କରାମତ (ଚମତ୍କାରିତା)କୁ ପ୍ରକାଶ କରୁଛି । ସେହିପରି ଏପରି ଗୁରୁଙ୍କୁ ମଧ୍ୟ ଲାନତ୍ ଯିଏ ମିଥ୍ୟା ଚମତ୍କାର ସୃଷ୍ଟି କରୁଛି ।

୮୪-ଚଉରାଅଶୀତମ ନିଦର୍ଶନ-୫ ଅଗଷ୍ଟ ୧୯୦୬ ମସିହା ଦିନ ଥରେ ମୋ ଶରୀରର ତଳଭାଗ ନିଶ୍ଚଳ ହୋଇଗଲା । ଫଳତଃ ଗୋଟିଏ ପାଦ ଚାଲିବା ପାଇଁ ଶକ୍ତି ନଥିଲା ଯେହେତୁ ମୁଁ ଦିଓ୍ୱାନୀ ତବାବତ୍ (ବୈଦ୍ୟ ଓ ଔଷଧ ସମ୍ବନ୍ଧୀୟ) ପୁସ୍ତକକୁ ତନ ତନ କରି ପଢ଼ିଥିଲି । ସେଥିପାଇଁ ମୋ ମନର ଏ ଧାରଣା ଆସିଲା ଯେ ଏହା ହେଉଛି ପକ୍ଷାଘାତର ଲକ୍ଷଣ । ଏହା ସହିତ ସେଥିରେ ବହୁତ ପୀଡ଼ା ମଧ୍ୟ ଥିଲା । କଡ଼ ଲେଉଟାଇବା କଷ୍ଟକର ହେଉଥିଲା । ତେଣୁ ମନ ବହୁତ ବ୍ୟସ୍ତ ହେଉଥିଲା । ରାତି ସମୟରେ ଯେବେ ମୋତେ ବହୁତ କଷ୍ଟ ହେଲା ସେତେବେଳେ ମୋତେ ଶମାତତ୍ ଆଦାଆ (ଅର୍ଥାତ୍ ଶତ୍ରୁମାନେ ମୋର ଏପରି ଅବସ୍ଥା ଦେଖି ଖୁସି ହୋଇଯିବେ) ର ଧ୍ୟାନ ଆସିଲା । ଏହା କେବଳ ଦୀନ୍ ପାଇଁ ନା ଅନ୍ୟ କୌଣସି କଥା ପାଇଁ । ତେବେ ମୁଁ ଅଲ୍ଲାଃଙ୍କ ଦରବାରରେ ଦୁଆ କଲି ଯେ ମୃତ୍ୟୁ ତ ସୁନିଶ୍ଚିତ ଅଟେ । କିନ୍ତୁ ତୁ ଜାଣିଛୁ ଯେ ଏପରି ମୃତ୍ୟୁ ଓ ଅସମୟ ମୃତ୍ୟୁ ଦ୍ୱାରା ଶମାତତ୍ ଆଦାଆ ହେବ । ଅଳ୍ପ ସମୟ ଆଖି ଲାଗିଗଲା ଓ ଏ ଏଲ୍‌ହାମ୍ ହେଲା- ଇନ୍ନଲ୍‌ଲ୍ଲାହା ଅଲା କୁଲ୍ଲି ଶଇଇନ୍ କଦିର୍ । ଇନ୍ନଲ୍ଲାହା ଲା ୟୁଖ୍‌ଜିଲ୍ ମୁମେନିନ୍ । ଅର୍ଥାତ୍-ଖୁଦା ପ୍ରତ୍ୟେକ କାର୍ଯ୍ୟ କରିବାକୁ ପୁର୍ଣ୍ଣ ରୂପେ ସକ୍ଷମ । ଏବଂ ଖୁଦା ମୋମିନ୍‌କୁ ଅପମାନିତ କରନ୍ତି ନାହିଁ । ସୁତରାଂ ସେହି କରୁଣା ମୟ ଖୁଦାଙ୍କ ମୁଁ ରାଣ ଖାଉଛି, ଯାହାଙ୍କ ହାତରେ ମୋ ଜୀବନ ଅଛି ଓ ଯିଏ ବର୍ତମାନ ମଧ୍ୟ ଦେଖୁଛନ୍ତି ଯେ ମୁଁ ତା ଉପରେ ମିଥ୍ୟାରୋପ କରୁଛି ବା ସତ କହୁଅଛି । ଏହି ଏଲ୍‌ହାମ୍ ପରେ ବୋଧହୁଏ ମୁଁ ଅଧଘଂଟା ପର୍ଯ୍ୟନ୍ତ ନିଦରେ ଶୋଇଗଲି । ପୁଣି ଅଚାନକ ଆଖି ଖୋଲିଲା ପରେ ମୁଁ ଦେଖିଲି ଯେ ରୋଗର ଚିହ୍ନବର୍ଣ୍ଣ ମଧ୍ୟ ନଥିଲା । ସମସ୍ତେ ଶୋଇଥିଲେ, ମୁଁ ଉଠିଲି ଓ ପରୀକ୍ଷା କରିବା ପାଇଁ ଚାଲିବା ଆରମ୍ଭ କଲି । ମୁଁ ସମ୍ପୂର୍ଣ୍ଣ ରୂପେ ଭଲ ହୋଇଯାଇଛି ବୋଲି ପ୍ରମାଣିତ ହେଲା । ସେତେବେଳେ ନିଜ ଶକ୍ତିଶାଳୀ ଖୁଦାଙ୍କ ମହାନ୍ ଶକ୍ତିକୁ ଦେଖି ମୋତେ କାନ୍ଦ ମାଡ଼ିଲା ଯେ ଆମର ଖୁଦା କେଡ଼େ ଶକ୍ତିଶାଳୀ ଓ ଆମେ କେଡ଼େ ସୌଭାଗ୍ୟଶାଳୀ ଯେ ତାର ବାଣୀ ପବିତ୍ର କୋରାନ୍ ଉପରେ ଆମେ ଇମାନ୍ (ବିଶ୍ୱାସ) ଆଣିଛୁ । ଏବଂ ତା ରସୁଲ୍‌ର ଆମେ ଅନୁଯାୟୀ ଅଟୁ । ଏବଂ କେଡ଼େ ଅଭାଗା ସେମାନେ ଯେଉଁମାନେ ଏହି ବିଚିତ୍ରମୟ ଓ ମହିମାମୟ ଖୁଦାଙ୍କ ଉପରେ ବିଶ୍ୱାସ ଆଣୁନାହାଁନ୍ତି ।

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ (ଅଗଷ୍ଟ ୨୦୧୭)

(ରିପୋର୍ଟ:-ଅବ୍‌ଦୁଲ୍ ମାଜିଦ୍ ତାହେର୍, ଏଡ଼ିଶିନାଲ୍ ଓକିଲୁଲ୍ ତବ୍‌ଶିର୍ ଲଣ୍ଡନ୍)

## ୨୬ ଅଗଷ୍ଟ ୨୦୧୭

## ହଜୁର୍ ଅନୁଓ୍ୱର୍‌ଙ୍କ ଭାଷଣର ବଳକା ଅଂଶ

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏହି ମା' ମାନେ ଯେଉଁମାନେ ଇସ୍‌ଲାମୀୟ ହୁକୁମ୍‌କୁ ବୁଝିଛନ୍ତି ଯେ ସେମାନଙ୍କର ଅସଲ କାମ ହେଉଛି ନିଜର ଓ ଜାତିର ନୁଆ ପିଢ଼ୀଙ୍କୁ ଉତମ ତର୍‌ବିୟତ୍ ଦେଇ କୌମ୍ ପାଇଁ ଏକ ଉତମ ସମ୍ପତି ରୂପେ ଗଢ଼ି ତୋଳିବା । ସେମାନଙ୍କୁ ସମାଜର ଉତମ ଅଙ୍ଗ ରୂପେ ତିଆରି କରିବା । ସ୍ତ୍ରୀ ମାନଙ୍କର ପ୍ରକୃତିରେ ଅଲ୍ଲାଃତାଲା ଏ ବିଶେଷତା ରଖିଛି ଯେ ସେମାନେ ଧୈର୍ଯ୍ୟ ଓ ସହନଶୀଳତାର ସହ ପିଲାମାନଙ୍କର ଲାଳନ ପାଳନ କରିପାରିବେ । ଏହାକୁ ବିସ୍ତାରିତ ରୂପେ ପୂର୍ବ ବର୍ଷ ଜଲ୍‌ସାରେ ମୁଁ ବ୍ୟାଖ୍ୟା କରିସାରିଛି । ଅଲ୍ଲାଃତାଲା ମଣିଷ ପ୍ରକୃତିରେ ଏପରି ରଖିଛି ଯେ ପିଲାମାନେ ବାପାଙ୍କ ଅପେକ୍ଷା ମା' ଙ୍କ ସହିତ ଅଧିକା ମିଶିଥାନ୍ତି । କିଛି ବର୍ଷ ପୂର୍ବେ ଏହାର ରିସର୍ଚ କରାଯାଇଛି ଯେ ୧୩-୧୪ ବର୍ଷ ପର୍ଯ୍ୟନ୍ତ ପିଲାମାନେ ବାପାଙ୍କ ଅପେକ୍ଷା ମା' ଙ୍କ ଦ୍ୱାରା ଅଧିକ ପ୍ରଭାବିତ ହୁଅନ୍ତି । ମା' ଙ୍କ କଥାକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି ଓ ତାକୁ ସଠିକ୍ ବୋଲି ମନେ କରିଥାନ୍ତି । ଏହା ବିପକ୍ଷରେ ବାପାଙ୍କ କଥାକୁ କମ୍ ଗୁରୁତ୍ୱ ଦେଇଥାନ୍ତି । ପରେ ଯେତେବେଳେ ଯୌବନ ଅବସ୍ଥା ଆସେ ବିଶେଷ କରି ପୁଅମାନେ ବାପାଙ୍କ ପ୍ରତି ଅଧିକା ଆକର୍ଷିତ ହୁଅନ୍ତି । ଏହା ଏଥିଯୋଗୁଁ ହୋଇଥାଏ ଯେ ପୁଅମାନେ ବାହାରକୁ ଯାଆନ୍ତି ଓ ବିଭିନ୍ନ ପ୍ରକାର ଖେଳ କୁଦରେ ମନୋନିବେଶ କରନ୍ତି । ଏହିପରି କିଛି ବାପାମାନେ ନିଜ ସ୍ତ୍ରୀ ଙ୍କ ସହିତ ମନୋମାଳିନ୍ୟ କରି ପିଲାମାନଙ୍କର ଭୁଲ୍ ମନୋବାଞ୍ଛାକୁ ପୁରଣ କରିଥାନ୍ତି । ଏହା ସେତେବେଳେ ହୋଇଥାଏ ଯେତେବେଳେ ସ୍ୱାମୀ ଓ ସ୍ତ୍ରୀ ମାନଙ୍କ ମଧ୍ୟରେ ମନୋମାଳିନ୍ୟ ହୁଏ । ବାପାମାନେ ଏହା ଜାଣିପାରନ୍ତି ନାହିଁ ଯେ ଏହିପରି ଭୁଲ୍, ଗେଲବସର୍ ଓ ସ୍ନେହ କରିବା ଦ୍ୱାରା ନିଜର ପିଢ଼ୀ ଖରାପ ହୋଇଯାଇଥାଏ । ମୋର ମଧ୍ୟ ଏପରି ଅନୁଭବ ଅଛି ମୋ ପାଖକୁ ବହୁତ ଏପରି ମାମଲା ଆସିଛି ଯେ ଯେତେବେଳେ ଘରେ ସ୍ୱାମୀ ସ୍ତ୍ରୀ ଙ୍କ ମଧ୍ୟରେ ମନୋମାଳିନ୍ୟ ହୁଏ ବା ସେମାନେ ଅଲଗା ହୋଇଯାଆନ୍ତି ତେବେ ବାପା ପିଲାମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବା ପାଇଁ ସମୟ ନଷ୍ଟ କରୁଥିବା ଗେମ୍‌ସ (ଖେଳଣା) ଗୁଡିକୁ ଘରକୁ କିଣିଆଣି ଦେଇଥାନ୍ତି । ମା' ଯେବେ ପିଲାଙ୍କୁ ବୁଝାନ୍ତି ସେ ସବୁ ବିଷୟ ବାପାକୁ ଆସି କହିଥାନ୍ତି । ଏହିପରି ମନୋମାଳିନ୍ୟତା ଓ ଲଢ଼େଇ ଝଗଡ଼ା ସୃଷ୍ଟି ହୋଇଥାଏ । ଯଦି ମା' ବାପାଙ୍କ ମଧ୍ୟରେ ସମ୍ପର୍କ ଅଛି ତେବେ ଏପରି କରିବା ଦ୍ୱାରା ସେ ସମ୍ପର୍କ ଖରାପ ହୋଇଯାଏ । ଯଦି ସମ୍ପର୍କ ନାହିଁ ତେବେ ପିଲାମାନେ ଦୋଦୁଲ୍ୟମାନ ସ୍ଥିତିରେ ଜିବନ ଅତିବାହିତ କରିଥାନ୍ତି । ସେମାନେ ବୁଝିପାରନ୍ତି ନାହିଁ ଯେ କେଉଁଟା ଠିକ୍ ଏବଂ କେଉଁଟା ଭୁଲ୍ । ଏହା ମଧ୍ୟ ମୋର ଅନୁଭବ ଯେ ଏପରି ପରିସ୍ଥିତିରେ ଗୋଟିଏ ସମୟ ଏମିତି ଆସେ ପିଲାମାନେ ସେ ପୁଅ ହେଉ ବା ଝିଅ ହେଉ, ଯେବେ ସେମାନଙ୍କୁ ଟିକିଏ ଜ୍ଞାନ ଆସିଯାଏ ସେତେବେଳେ ସେମାନେ ମା'ର ପକ୍ଷ ନିଅନ୍ତି ଓ ବାପାଙ୍କ ବିରୁଦ୍ଧରେ ଅଭିଯୋଗ କରିଥାନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଇସ୍‌ଲାମ୍ ମନୁଷ୍ୟ ଜୀବନର ଏହି ପାର୍ଶ୍ୱକୁ ଆଖିଆଗରେ ରଖି ସ୍ୱାମୀ ଓ ସ୍ତ୍ରୀ ଙ୍କୁ ନିର୍ଦ୍ଦେଶ ଦେଇଛି ଯେ ଯଦି ତୁମେ ସନ୍ତାନ ମାନଙ୍କର ସଠିକ୍ ତର୍‌ବିୟତ୍ କରିବାକୁ ଚାହୁଁଛ ଓ ସେମାନଙ୍କୁ ସମାଜର ଉତମ ଅଙ୍ଗ ରୂପେ ଗଢ଼ି ତୋଳିବାକୁ ଚାହୁଁଛ ତେବେ ପୁରୁଷ ନିଜର ଦାୟିତ୍ୱକୁ ବୁଝି ତାକୁ ନିର୍ବାହ କରନ୍ତୁ ଏବଂ ସ୍ତ୍ରୀ ମଧ୍ୟ ନିଜ ଦାୟିତ୍ୱକୁ ତୁଲାନ୍ତୁ । ଦୁଇଜଣଯାକ ଜଣେ ଅନ୍ୟର ଅଧିକାରକୁ ଦେବାପାଇଁ ଚେଷ୍ଟା କରନ୍ତୁ । ସେହିପରି ସେମାନେ ପିଲାମାନଙ୍କ ଅଧିକାରକୁ ପ୍ରଦାନ କରିବା ପାଇଁ ମଧ୍ୟ ଚେଷ୍ଟା କରନ୍ତୁ । ତେବେ ଯାଇ ତୁମେ କୌମ୍‌ର ଉତମ ସମ୍ପତି ସୃଷ୍ଟି କରିପାରିବ । ଯଦି ସ୍ତ୍ରୀମାନେ ନିଜ ଘରେ ନିଜର ଦାୟିତ୍ୱକୁ ତୁଲାଇବା ପରିବର୍ତେ ଟଙ୍କା ରୋଜଗାର ପାଇଁ ଚାକିରୀ କରିବେ ଫଳତଃ ପିଲାମାନେ ଯେତେବେଳେ ସ୍କୁଲ୍‌ରୁ ଘରକୁ ଫେରିବେ ତେବେ ସେମାନେ ଅଣଦେଖା ହେବେ । ସେମାନେ ତାଙ୍କ ଶାନ୍ତି କେଉଁଠି ପାଇବେ ତାହା ଜାଣିପାରିବେ ନାହିଁ । ମା' ଯେତେବେଳେ ଥକି କରି ହାଲିଆ ହୋଇ ଘରକୁ ଫେରିବେ ସେତେବେଳେ ଶିଘ୍ର ଶିଘ୍ର ରୋଷେଇଁ କରିବା ଚିନ୍ତାରେ ରହିବେ । ପିଲାମାନଙ୍କ ନିମନ୍ତେ ସଠିକ୍ ସମୟ ଦେଇପାରିବେ ନାହିଁ ଓ ଏହି କଥା ପିଲାଙ୍କୁ ବହୁତ ଅଶାନ୍ତ କରି ରଖିଛି । ଶିକ୍ଷା ବେଳକୁ ବେଳ ଯେତେ ସାର୍ବଜନୀନ ହେଉଅଛି, ଏଥିପ୍ରତି ଅଧିକା ଆକର୍ଷଣ ବଢୁଛି ଶିକ୍ଷିତା ଝିଅମାନେ ଭାବୁଛନ୍ତି ଯେ ବିବାହ ପରେ ଆମପାଇଁ ଧାର୍ଯ୍ୟ ଅଟେ ଯେ ଆମେ ନିଶ୍ଚିତ ରୂପେ ଚାକିରୀ କରିବୁ । ନିଶ୍ଚିତ ରୂପେ କାମ କରନ୍ତୁ । ଯେପରି ମୁଁ କହିସାରିଛି ଯେ ପିଲାମାନଙ୍କର ତର୍‌ବିୟତ୍ କରିବା ପ୍ରଥମ କର୍ତବ୍ୟ ହେବା ଉଚିତ୍ । ସେ ଯାହା ହେଉ ପିଲାମାନଙ୍କ ମଧ୍ୟରେ ଏହା ଗଭୀର ପ୍ରଭାବ ପକାଏ । ପୁଣି ବୟସ ବଢ଼ିବା ସଙ୍ଗେ ସଙ୍ଗେ ସେମାନଙ୍କର ଏହି ଅସ୍ୱସ୍ତିକର ଅବସ୍ଥା ବଢ଼ିଯାଏ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ତେଣୁ ପବିତ୍ର କୋରାନ୍‌ରେ ଅଲ୍ଲାଃତାଲା ସ୍ତ୍ରୀ ଲୋକମାନଙ୍କୁ ଏହା କହି ଧ୍ୟାନ ଆକର୍ଷଣ କରାଇଛନ୍ତି ଯେ ତୁମମାନଙ୍କ ମଧ୍ୟରେ ସର୍ବୋତମ ମହିଳା ହେଉଛି ସେ, ଯିଏ ସ୍ୱାଲେହାତ୍(ପୁଣ୍ୟବତୀ), କାନେତାତ୍(ଆଜ୍ଞାପାଳନକାରିଣୀ) ଓ ଗୋପନୀୟ ଜିନିଷର ସୁରକ୍ଷାକାରିଣୀ । ଅର୍ଥାତ୍ ପୁଣ୍ୟ କାର୍ଯ୍ୟରେ ଆଗକୁ ବଢୁଥିବେ, ସାଂସାରିକ କାମନା ତାଙ୍କର ଉଦ୍ଦେଶ୍ୟ ନଥିବ ବରଂ ତାଙ୍କର ଉଦ୍ଦେଶ୍ୟ ହେଉଛି ସେ ନିଜେ ଅଲ୍ଲାଃଙ୍କ ନିର୍ଦ୍ଦେଶ ଅନୁସାରେ ଚାଲି ପୁଣ୍ୟ ଅର୍ଜନ କରିବା ସହିତ ନିଜ ସନ୍ତାନ ମାନଙ୍କୁ ମଧ୍ୟ ସଠିକ୍ ତର୍‌ବିୟତ ଦେଇ ପୁଣ୍ୟବାନ୍ କରି ଗଢ଼ି ତୋଳିବା । ପୁଣି ଗୋପନ ଅବସ୍ଥାରେ ମଧ୍ୟ ସେହି ସବୁର ସୁରକ୍ଷା କରୁଥିବେ ଯାହାକୁ ସୁରକ୍ଷା ରଖିବା ପାଇଁ ଅଲ୍ଲାଃତାଲା ତାଗିଦ୍ କରିଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ଅଲ୍ଲାଃତାଲା ମହିଳାମାନଙ୍କୁ ଯେଉଁ ସବୁ କାର୍ଯ୍ୟ କରିବା ପାଇଁ ତାଗିଦ୍ କରିଛନ୍ତି ସେଥିମଧ୍ୟରୁ ଗୋଟିଏ ହେଉଛି ପିଲାମାନଙ୍କର ତର୍‌ବିୟତ୍ କରିବା । ହଦିସ୍‌ରେ ଆସିଛି ଆଁ ହଜ୍‌ରତ୍ ସ:ଆ:ସ କହୁଛନ୍ତି ସ୍ତ୍ରୀ ମାନଙ୍କୁ ତାଙ୍କ ସ୍ୱାମୀ ମାନଙ୍କର ନିଗ୍‌ରାନ୍(ନିରୀକ୍ଷକ)ରୂପେ ନିୟୋଜିତ କରାଯାଇଛି । ସେମାନେ ତାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିରେ ତାଙ୍କ ଘର ଓ ତାଙ୍କ ସନ୍ତାନ ମାନଙ୍କର ଦେଖାଶୁଣା କରିବାର ଦାୟିତ୍ୱ ବହନ କରିବେ ।... ସେହିପରି ପୁରୁଷମାନଙ୍କୁ ସ୍ତ୍ରୀ ମାନଙ୍କର ହକ୍ ପ୍ରଦାନ କରିବା ପାଇଁ ଦାୟିତ୍ୱ ଦିଆଯାଇଛି ଓ କୁହାଯାଇଛି ଯେ ସେ ବାହାର କାମ ଯୋଗୁଁ ପିଲାମାନଙ୍କର ହକ୍‌କୁ ପ୍ରଦାନ କରିପାରୁନାହାଁନ୍ତି । ତେଣୁ ସ୍ତ୍ରୀ ପିଲାମାନଙ୍କର ହକ୍‌କୁ ପ୍ରଦାନ କରନ୍ତୁ । ସେଥିଯୋଗୁଁ ଅଲ୍ଲାଃତାଲା ସ୍ତ୍ରୀ ମାନଙ୍କ ପ୍ରକୃତିରେ ଏହା ରଖିଦେଇଛି ଯେ ସେମାନେ ପିଲାମାନଙ୍କର ଉତମ ରୂପେ ଲାଳନପାଳନ କରିପାରିବେ । ଯଦି ସ୍ତ୍ରୀ ମାନେ କହିବେ ଯେ ଆମେ ନିଜ ଅଧିକାରକୁ ବ୍ୟବହାର କରିବୁ ଓ ସାରାଦିନ ଘରୁ ବାହାରେ ରହିବୁ ତେବେ ପିଲାମାନଙ୍କର ହକ୍‌କୁ କିଏ ଦେବ ?

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହୁଛନ୍ତି:- ତେଣୁ ଇସ୍‌ଲାମ୍ କହୁଛି ଯେ ତୁମେ ଆପଷରେ ମିଳିମିଶି ଖୁସିର ସହିତ ନିଜ ନିଜର କାମକୁ ବାଂଟି ନିଅ । ଅର୍ଥାତ୍ ପ୍ରତ୍ୟେକ ନିଜ ନିଜର କାମ ବାଂଟି ନିଅନ୍ତୁ । ଜିଦିକରି ପିଲାମାନଙ୍କର ହକ୍‌ରୁ ସେମାନଙ୍କ ବଂଚିତ କରନ୍ତୁ ନାହିଁ । ଅର୍ଥାତ୍ ନିଜର ଅଧିକାର ପାଇବା ପାଇଁ ପିଲାମାନଙ୍କ ତାଙ୍କ ଅଧିକାରରୁ ବଂଚିତ କରନାହିଁ । ତେଣୁ ଏଥିରେ ଅଭିଯୋଗ କରିବାର କିଛି ନାହିଁ ବରଂ ଏହି ସୁନ୍ଦର ଶିକ୍ଷାକୁ ଗ୍ରହଣ କରିବା ଉଚିତ୍ । ସେଥିଯୋଗୁଁ ଅହେମଦୀ ମା' ମାନଙ୍କୁ ଏ ବିଷୟରେ କୌଣସି ଆପତି ନ କରି ଖୁସି ହେବା ଉଚିତ୍ ଯେ ଅହେମଦୀ ମା' ମାନଙ୍କର ପବିତ୍ର କୋଳ ହେଉଛି ପବିତ୍ର ଖଜାନା । ସେମାନଙ୍କ ଦ୍ୱାରା ଲାଳନ ପାଳନ ହେଉଥିବା ପିଲାମାନେ ହେଉଛନ୍ତି ପବିତ୍ର ସମ୍ପତି । ଓ ପୁଣ୍ୟ ତର୍‌ବିୟତ୍ ଜରିଆରେ ସେମାନେ ଅଲ୍ଲାଃତାଲାଙ୍କର ପସନ୍ଦଯୋଗ୍ୟ ଧନ ହୋଇଯାଆନ୍ତି । ତେଣୁ କିଏ ଏପରି ଅଛି ଯିଏ ଏପରି ପବିତ୍ର ଧନ ତିଆରି ନ କରିବ ଓ ତାକୁ ନେବାପାଇଁ ପସନ୍ଦ ନ କରିବ । ତେଣୁ ଉଠନ୍ତୁ ଓ ପବିତ୍ର ଧନଦ୍ୱାରା ନିଜ ପବିତ୍ର ଗନ୍ତାଘରକୁ ଭରି ଚାଲନ୍ତୁ । ଏହାର ମୁକାବିଲାରେ ଜିଦି କରି ଓ ପିଲାଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରି ସେମାନଙ୍କୁ ତାଙ୍କ ଅଧିକାରରୁ ବଂଚିତ କରନ୍ତୁ ନାହିଁ । ଏ ଦୁନିଆକୁ ଦେଖନ୍ତୁ ନାହିଁ କାରଣ ଏହା ଅଳ୍ପ ଦିନର ଦୁନିଆ । ଦୁନିଆର ଅଳ୍ପ ଦିନର ଜୀବନ ପଛରେ ଧାଇଁବା ପରିବର୍ତେ ଆଖିରତ୍ (ପରକାଳ)ର ଜୀବନ ପାଇବା ପାଇଁ ଚେଷ୍ଟା କରନ୍ତୁ । ଫଳତଃ ଏହି ଦୁନିଆର ଜୀବନ ମଧ୍ୟ ସ୍ୱର୍ଗୀୟ ହେବ ଓ ପରକାଳର ଜୀବନ ମଧ୍ୟ ସ୍ୱର୍ଗୀୟ ହେବ । ଦେଖ ଆଁ ହଜ୍‌ରତ୍ ସ:ଆ:ସ ପୁଣ୍ୟବତୀ ସ୍ତ୍ରୀ ଏବଂ ପୁଣ୍ୟବତୀ ମା' ମାନଙ୍କୁ କେଉଁ ପଦବୀରେ ଭୁଷିତ କରାଇଛନ୍ତି । ଆପଣ କହୁଛନ୍ତି ସୁନା ଓ ରୂପା ଏକାଠି କରିବା ପ୍ରକୃତ ଧନ ନୁହେଁ ବରଂ ସର୍ବଶ୍ରେଷ୍ଠ ଧନ ହେଉଛି ଜିକ୍‌ରେ ଏଲାହି (ଅଲ୍ଲାଃଙ୍କ ଗୁଣଗାନ) କରୁଥିବା ଜିହ୍ୱା ଓ କୃତଜ୍ଞତାରେ ଭରି ରହିଥିବା ହୃଦୟ ଓ ମୋମିନା (ବିଶ୍ୱାସକାରୀ) ସ୍ତ୍ରୀ, ଯିଏ ତା ଦୀନ୍ କାର୍ଯ୍ୟରେ ସହଯୋଗୀ ହୋଇଥାଏ । ତେଣୁ ଏ କଥାରୁ ଜଣାପଡୁଛି ଯେ ସ୍ୱାମୀକୁ ଦୀନ୍ (ଧର୍ମ) ମାର୍ଗରେ ପରିଚାଳିତ କରିବା ପାଇଁ ସ୍ତ୍ରୀ କାମ ଦିଏ । ଯେଉଁମାନେ ଦୀନ୍ ର ସାହାଯ୍ୟକାରୀ (ସେବକ) ଅଟନ୍ତି ସେମାନଙ୍କର ସାହାଯ୍ୟ ମଧ୍ୟ ମୋମିନା ସ୍ତ୍ରୀ ମାନେ କରିଥାନ୍ତି । ତେଣୁ ଆଁ ହଜ୍‌ରତ୍ ସ:ଆ:ସ ଙ୍କ କଥନର ସାରାଂଶ

*ଅବଶିଷ୍ଟାଂଶ ପୃଷ୍ଠା-୬ ରେ ଦେଖନ୍ତୁ.......*

# ଖୁତ୍‌ବା ଜୁମା

★ଆଜି ଅଲ୍ଲାଃଙ୍କ କୃପାରୁ ମଜଲିସ୍ ଅନ୍‌ସାରୁଲ୍ଲାଃ ଇଂଲଣ୍ଡର ବାର୍ଷିକ ଇଜତେମା ଆରମ୍ଭ ହେବାକୁ ଯାଉଛି । ଏହି ପରିପ୍ରେକ୍ଷିରେ ମୁଁ ଅନ୍‌ସାରୁଲ୍ଲାଃଙ୍କୁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ (ଇସଲାମର) ମୂଳ ଆଦେଶ ପ୍ରତି ଧ୍ୟାନ ଆକର୍ଷିତ କରିବାକୁ ଚାହୁଁଛି ଏବଂ ତାହା ନମାଜ ଅଟେ ।

★ନମାଜ ପାଠ କରିବା ପ୍ରତ୍ୟେକ ମୋମିନ୍‌ର କର୍ତବ୍ୟ କିନ୍ତୁ ଚାଳିଷ ବର୍ଷ ଅତିକ୍ରମ କରିବା ପରେ ଏହି ଅନୁଭବ ପୂର୍ବ ଅପେକ୍ଷା ଅଧିକ (ପ୍ରସ୍ଫୁଟିତ) ହେବା ଉଚିତ୍ କି ପ୍ରତ୍ୟେକ ଦିନର ସୂର୍ଯ୍ୟ ଅସ୍ତ ଯିବା ସହିତ ମୋ ଜୀବନର ଦିନ ସରିଆସୁଛି । ଏପରି ଅବସ୍ଥାରେ ଅଲ୍ଲାଃତାଲାଙ୍କ ଉପାସନା ଓ ନମାଜ ପ୍ରତି ଅଧିକ ଧ୍ୟାନ କେନ୍ଦ୍ରିତ ହେବା ଉଚିତ୍ କି ସେହି ସମୟ ଦ୍ରୁତ ଗତିରେ ଚାଲିଆସୁଛି ଯେତେବେଳେ ମୁଁ ଅଲ୍ଲାଃଙ୍କ ନିକଟରେ ହାଜର ହୋଇଯିବି ଏବଂ ସେଠାରେ ମୋର ପ୍ରତ୍ୟେକ ଅମଳର ହିସାବ କିତାବ ହେବ ।

★ନମାଜ କାୟମ୍ କରିବା ଅର୍ଥ ଧାର୍ଯ୍ୟ ସମୟରେ ବାଜମାଅତ ନମାଜ ପାଠ କରିବା ଅଟେ । କିନ୍ତୁ ଦେଖିବାକୁ ମିଳେ ଯେ, ଅନସାର୍ ଏକ ପରିପକ୍ୱ ଓ ବୁଝାବଣାର ବୟସରେ ପହଂଚିବା ସତ୍ୱେ ମଧ ନମାଜ ବାଜମାଅତ ପ୍ରତି ସେଭଳି ଧ୍ୟାନ ଦେଇନଥାନ୍ତି ଯେମିତି ଦେବା ଉଚିତ୍ । ସୁତରାଂ ଅନସାର୍‌ଙ୍କୁ ବିଶେଷ ଭାବରେ ଏଥିପ୍ରତି ଅତ୍ୟଧିକ ଧ୍ୟାନ ଦେବା ଉଚିତ୍ ଯେ, ସେମାନଙ୍କର ପ୍ରତ୍ୟେକ ସଦସ୍ୟ ବାଜମାଅତ ନମାଜ ପାଠର ଅଭ୍ୟସ୍ତ ହୁଅନ୍ତୁ ବରଂ ପ୍ରତ୍ୟେକ ବ୍ୟକ୍ତିକୁ ସ୍ୱୟଂ ନିଜର ନିରୀକ୍ଷଣ କରି ଚେଷ୍ଟା କରିବା ଉଚିତ୍ କି ସେ ବାଜମାଅତ ନମାଜ ପାଠ କରିବାରେ ଅଭ୍ୟସ୍ତ ହୋଇଗଲେଣି ।

★ସୁତରାଂ ଅନ୍‌ସାରବୃନ୍ଦ ପ୍ରକୃତରେ ଅନସାର୍ ସେତେବେଳେ ହୋଇପାରିବେ ଯେତେବେଳେ ଅଲ୍ଲାଃଙ୍କ ଧର୍ମକୁ ପ୍ରତିଷ୍ଠା କରିବା ଓ ତଦନୁଯାୟୀ ଅମଳ କରିବା ତଥା କରାଇବା ପାଇଁ (ବିଶେଷ) ଭୂମିକା ଗ୍ରହଣ କରିବେ । ଯଦି ଅଲ୍ଲାଃଙ୍କ ଉପାସନା ଯାହାକି ମଣିଷ ଜୀବନର ମୂଳ ଲକ୍ଷ ଅଟେ, ତାହାର ପାଳନ କରାଯାଉ ନାହିଁ ଏବଂ ଯାହାଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ ରହିଛି ସେମାନେ ଅମଳ କରୁ ନାହାନ୍ତି କିମ୍ବା ଅମଳ କରେଇବାର ପ୍ରୟାସ କରାଯାଉ ନାହିଁ ଏବଂ ନିଜର ନମୁନା ପ୍ରଦର୍ଶନ କରାଯାଉ ନାହିଁ ତେବେ ସେମାନେ କେବଳ ନାମକୁ ମାତ୍ର ଅନ୍‌ସାର ଅଟନ୍ତି ।

★ନିୟମିତ ଭାବରେ ନମାଜ ପାଠ କର । କେତେକ ଲୋକ (ଦିନକୁ) ମାତ୍ର ଥରେ ନମାଜ ପାଠ କରିଥାନ୍ତି, ସେମାନେ ମନେରଖିବା ଉଚିତ୍ ଯେ, ନମାଜର କ୍ଷମା ନାହିଁ ଏପରିକି ଅବତାରମାନଙ୍କୁ ମଧ (ନମାଜ ପାଠ) କରିବାରୁ କ୍ଷମା ମିଳି ନାହିଁ । ହଦିସ୍‌ରେ ଦରଜ ଅଛି ହଜରତ ମହମ୍ମଦ ସ.ଆଙ୍କ ନିକଟକୁ ଗୋଟିଏ ନୂଆ ଗୋଷ୍ଠୀ ଆସି ନିଜ ପାଇଁ ନମାଜ ପାଠରୁ ମୁକ୍ତି ପାଇବା ପାଇଁ ଅନୁମତି ଭିକ୍ଷା କଲେ । **ହଜରତ ମହମ୍ମଦ ସ.ଆ ଉତର ଦେଲେ ଯେଉଁ ଧର୍ମରେ ଅମଳ ନାହିଁ ତାହା ଧର୍ମରେ ହିଁ ପରିଗଣିତ ନୁହଁ** । ଅତଏବ ଏକଥା ଭଲ ଭାବରେ ମନେରଖିନିଅ ଓ ଅଲ୍ଲାଃଙ୍କ ଆଦେଶ ମୁତାବକ ଅମଳ କର ।

★ପୁଣି ପ୍ରକୃତ ନମାଜ କେଉଁ ପ୍ରକାରର ଓ କିଭଳି ହେବା ଉଚିତ୍ ତାହାର ସ୍ପଷ୍ଟିକରଣ କରି ହଜରତ ମସିହ ମଉଦ ଆ.ସ କୁହନ୍ତି ମନେରଖ ନମାଜ ଏଭଳି ଜିନିଷ ଯେଉଁଥିରେ ସଂସାର ଓ ଧର୍ମ ଉଭୟ ସୁନ୍ଦର ଓ ସୁଖମୟ ହୋଇଯାଇଥାଏ । କିନ୍ତୁ ଅଧିକାଂଶ ଲୋକ ଯେ କି ନମାଜ ପାଠ କରିଥାନ୍ତି ତାହା ସେମାନଙ୍କ ଉପରେ ଅଭିଶାପ ପକାଇଥାଏ ଯେପରି ଲେଖାଅଛି **ଫୱଇଲୁଲ୍ ଲିଲ୍‌ମୁସଲ୍ଲିନ୍ ଅଲ୍‌ଲଜିନା ହୁମ୍ ଅନ୍‌ସଲାତିହିମ୍ ସାହୁନ୍** ଅର୍ଥାତ ସେହି ନମାଜ ପାଠକାରୀମାନଙ୍କର ମଧ ସର୍ବନାଶ ହେଉ ଯେଉଁମାନେ ନିଜ ନମାଜ ପାଠରେ ମନଯୋଗ କରିନଥାନ୍ତି । ଆପଣ କୁହନ୍ତି ନମାଜ ପାଠ କରିବା ମଣିଷକୁ ସମସ୍ତ ପ୍ରକାରର ଅପକର୍ମ ଓ ନିର୍ଲଜତାରୁ ରକ୍ଷା କରିଥାଏ ।

★ଲେଖାଅଛି **ଇନ୍ନଲ୍ ହସନାତେ ୟୁଜ୍‌ହିବୁସ୍ ସଇୟାତ୍** ଅର୍ଥାତ ଉତମ କର୍ମ (ନମାଜ) ଅପକର୍ମକୁ ଦୂରେଇ ଦେଇଥାଏ । ଆଉ ଏକ ସ୍ଥାନରେ କୁହାଯାଇଛି ନମାଜ ଅଶ୍ଳୀଳତା ଓ ଅପକର୍ମରୁ ନିବୃତ ରଖିଥାଏ । ଆମେ ଦେଖିଥାଉ କି କେତେକ ଲୋକ ନମାଜ ପାଠ କରିବା ସତ୍ୱେ ଅପକର୍ମରେ ଜଡ଼ିତ ରହିଥାନ୍ତି ଏହାର ଉତର ଏହି କି ଯେ, ସେମାନେ ନମାଜ ପଢିଥାନ୍ତି କିନ୍ତୁ ଅନ୍ତର ଆତ୍ମ ଓ ପୂର୍ଣ୍ଣ ଏକାଗ୍ରତାର ସହିତ ନୁହେଁ । ସେମାନେ କେବଳ ରୀତି ଓ ଅଭ୍ୟାସ ମୁତାବକ କପାଳ ଭୂମିଷ୍ଟ କରିଥାନ୍ତି । ସେମାନଙ୍କ ଆତ୍ମା ଜୀବିତ ନୁହେଁ । ଯେଉଁମାନେ ସତ୍ୟନିଷ୍ଠ ସେମାନଙ୍କୁ ନମାଜ ଅପକର୍ମରୁ ଦୂରେଇ ଦେଇଥାଏ ।

★ନମାଜରେ ଆନନ୍ଦ ଓ ଇନ୍ଦ୍ରିୟ ସୁଖ ମଧ ଅଲ୍ଲାଃ ଓ ଭକ୍ତ ମଧରେ ସମ୍ପର୍କ ସ୍ଥାପନ ଦ୍ୱାରା ପ୍ରାପ୍ତ ହୋଇଥାଏ । ଯେପର୍ଯ୍ୟନ୍ତ ନିଜକୁ ଅସ୍ତିତ୍ୱ ଶୂନ୍ୟ କିମ୍ବା ତାହା ସମତୁଲ୍ୟ ମନେକରି ଯାହାକି **ରବୁବିୟତ୍** (ଅଲ୍ଲାଃଙ୍କ ଉପାସନା) ପାଇଁ ଆବଶ୍ୟକ, ତାଙ୍କୁ ସମର୍ପଣ କରିଦେଇ ନାହିଁ ତାଙ୍କର କୃପା ଓ ପ୍ରତିବିମ୍ବ ଉକ୍ତ ବ୍ୟକ୍ତି ଉପରେ ପଡ଼ିନଥାଏ ଏବଂ ଯେତେବେଳେ ଏହା ହୋଇଯାଏ ସେତେବେଳେ ସେ ସର୍ବୋଚ୍ଚ ସ୍ତରର ଆନନ୍ଦ ଓ ସୁଖ ଲାଭ କରିଥାଏ, ଯାଠାରୁ ବଳି ଅନ୍ୟ କୌଣସି ଆନନ୍ଦ ନାହିଁ ।

★ଦେଖ ଜଣେ କଏଦୀ ଯେତେବେଳେ ଜଣେ ହାକିମ ସମ୍ମୁଖରେ ଛିଡ଼ା ହୋଇଥାଏ, ସେତେବେଳେ କ'ଣ ତାହା ମନରେ କୌଣସି ପ୍ରକାର ଭିନ୍ନ ଭାବନା ଉଙ୍କି ମାରିଥାଏ । କଦାପି ନୁହେଁ ବରଂ ସେ ପୂର୍ଣ୍ଣ ରୂପେ ହାକିମ ପ୍ରତି ଧ୍ୟାନ ରଖିଥାଏ ଏବଂ ଏହି ଚିନ୍ତାରେ ଥାଏ କି ବର୍ତମାନ ହାକିମ କ'ଣ ଆଦେଶ ଦେଉଛନ୍ତି । ସେହିପରି ଯେତେବେଳେ ସ୍ୱଚ୍ଛ ହୃଦୟର ସହିତ ମଣିଷ ଅଲ୍ଲାଃଙ୍କ ପ୍ରତି ମନଯୋଗ କରି ତାଙ୍କ ଆସ୍ତାନରେ ପଡ଼ିରହେ ତେବେ ସଇତାନର ବା ତାର କ୍ଷମତା କ'ଣ ଯେ ସେ ତାହା ମନରେ ୱସାଇସ୍ ଉତ୍ପନ୍ନ କରିବ ।

★ହଜରତ ମସିହ ମଉଦ ଆ.ସ ଏହାର ସ୍ପଷ୍ଟିକରଣ କରି କୁହନ୍ତି- ଅଲ୍ଲାଃତାଲାଙ୍କୁ ଆମ ନମାଜର କୌଣସି ଆବଶ୍ୟକତା ନାହିଁ, ସେ ତ ସମସ୍ତ ପ୍ରକାରର ଆବଶ୍ୟକତାଠାରୁ ପବିତ୍ର ଅଟନ୍ତି । ତାଙ୍କର କୌଣସି ଜିନିଷ ଲୋଡ଼ା ନାହିଁ ବରଂ ମଣିଷର ଆବଶ୍ୟକତା ରହିଛି ଏବଂ ଏହା ଏକ ରହସ୍ୟମୟ ତଥ୍ୟ କି ମନୁଷ୍ୟ ନିଜର ଉପକାର କାମନା କରିଥାଏ । ତେଣୁ ସେ ଅଲ୍ଲାଃଙ୍କଠାରୁ ସାହାଯ୍ୟ ଭିକ୍ଷା କରିଥାଏ କାରଣ ଏହା ସତ୍ୟସିଦ୍ଧ ଯେ, ମଣିଷର ଅଲ୍ଲାଃଙ୍କ ସହ ସମ୍ପର୍କ ସ୍ଥାପନ ହେଲେ ହିଁ ସେ ପ୍ରକୃତ ସୁଫଳ ଅର୍ଜନ କରିଥାଏ ।

## ସାରାଂଶ ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
## (ପ୍ରଦତ୍ତ: ୨୯ ସେପ୍ଟେମ୍ବର ୨୦୧୭ ଅନୁଯାୟୀ ୨୯ ତବୁକ୍ ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيْكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ـ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعَالَمِيْنَ ـ اَلرَّحْمٰنِ الرَّحِيْمِ ـ مٰلِكِ يَوْمِ الدِّيْنِ ـ إِيَّاكَ نَعْبُدُ وَإِيَّاكَ نَسْتَعِيْنُ ـ
اِهْدِنَا الصِّرَاطَ الْمُسْتَقِيْمَ ـ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନୱର ଅ:ବ କହିଲେ- ଆଜି ଅଲ୍ଲାଃଙ୍କ କୃପାରୁ ମଜଲିସ୍ ଅନ୍‌ସାରୁଲ୍ଲାଃ ଇଂଲଣ୍ଡର ବାର୍ଷିକ ଇଜତେମା ଆରମ୍ଭ ହେବାକୁ ଯାଉଛି । ଏହି ପରିପ୍ରେକ୍ଷିରେ ମୁଁ ଅନ୍‌ସାରୁଲ୍ଲାଃଙ୍କୁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ (ଇସଲାମର) ମୂଳ ଆଦେଶ ପ୍ରତି ଧ୍ୟାନ ଆକର୍ଷିତ କରିବାକୁ ଚାହୁଁଛି ଏବଂ ତାହା ନମାଜ ଅଟେ । ନମାଜ ପାଠ କରିବା ପ୍ରତ୍ୟେକ ମୋମିନ୍‌ର କର୍ତବ୍ୟ କିନ୍ତୁ ଚାଳିଷ ବର୍ଷ ଅତିକ୍ରମ କରିବା ପରେ ଏହି ଅନୁଭବ ପୂର୍ବ ଅପେକ୍ଷା ଅଧିକ (ପ୍ରସ୍ଫୁଟିତ) ହେବା ଉଚିତ୍ କି ପ୍ରତ୍ୟେକ ଦିନର ସୂର୍ଯ୍ୟ ଅସ୍ତ ଯିବା ସହିତ ମୋ ଜୀବନର ଦିନ ସରିଆସୁଛି । ଏପରି ଅବସ୍ଥାରେ ଅଲ୍ଲାଃତାଲାଙ୍କ ଉପାସନା ଓ ନମାଜ ପ୍ରତି ଅଧିକ ଧ୍ୟାନ କେନ୍ଦ୍ରିତ ହେବା ଉଚିତ୍ କି ସେହି

ସମୟ ଦୃତ ଗତିରେ ଚାଲିଆସୁଛି ଯେତେବେଳେ ମୁଁ ଅଲ୍ଲାଃଙ୍କ ନିକଟରେ ହାଜର ହୋଇଯିବି ଏବଂ ସେଠାରେ ମୋର ପ୍ରତ୍ୟେକ ଅମଲର ହିସାବ କିତାବ ହେବ । ସୁତରାଂ ଏପରି ଅବସ୍ଥାରେ ଜଣେ ମୋମିନ୍ ଓ ପ୍ରତ୍ୟେକ ବ୍ୟକ୍ତି ଯେ ମୃତ୍ୟୁ ପରବର୍ତୀ ଜୀବନ ଓ ଅନ୍ତିମ ଦିବସ ଉପରେ ବିଶ୍ୱାସ ରଖିଥାଏ ଚିନ୍ତା କରିବା ଉଚିତ୍ ଯେ, ଆମେ ଅଲ୍ଲାଃଙ୍କ ଓ ତାଙ୍କ ଭକ୍ତମାନଙ୍କର ମଧ୍ୟ କର୍ତବ୍ୟ  ସମ୍ପାଦନକାରୀ ସାବ୍ୟସ୍ତ ହେଉ ଏବଂ ଏପରି ଅବସ୍ଥାରେ ଅଲ୍ଲାଃଙ୍କ ନିକଟରେ ହାଜର ହେଉ କି ଆମେ ନିଜ ସାମର୍ଥ୍ୟ ଅନୁଯାୟୀ କର୍ତବ୍ୟ ସମ୍ପାଦନ କରିବାକୁ ଚେଷ୍ଟା କଲୁ । ନମାଜ ପାଠ କରିବା ପ୍ରତି ଅଲ୍ଲାଃ ଯେଉଁସ୍ଥଳେ (ଆମର) ଧ୍ୟାନ ଆକର୍ଷିତ କରିଛନ୍ତି ସେଠାରେ ନିୟମିତ ଭାବରେ ସମସ୍ତ ନମାଜ ଧାର୍ଯ୍ୟ ସମୟରେ ବାଜମାଅତ ପାଠ କରିବାକୁ ମଧ୍ୟ ଆଦେଶ ଦେଇଛନ୍ତି । ନମାଜ କାୟମ୍ କରିବା ଅର୍ଥ ଧାର୍ଯ୍ୟ ସମୟରେ ବାଜମାଅତ ନମାଜ ପାଠ କରିବା ଅଟେ । କିନ୍ତୁ ଦେଖିବାକୁ ମିଳେ ଯେ, ଅନସାର୍ ଏକ ପରିପକ୍ୱ ଓ ବୁଝାବଣାର ବୟସରେ ପହଂଚିବା ସତ୍ୱେ ମଧ୍ୟ ନମାଜ ବାଜମାଅତ ପ୍ରତି ସେଭଳି ଧ୍ୟାନ ଦେଇନଥାନ୍ତି ଯେମିତି ଦେବା ଉଚିତ୍ । ସୁତରାଂ ଅନସାର୍‌ଙ୍କୁ ବିଶେଷ ଭାବରେ ଏଥିପ୍ରତି ଅତ୍ୟଧିକ ଧ୍ୟାନ ଦେବା ଉଚିତ୍ ଯେ, ସେମାନଙ୍କର ପ୍ରତ୍ୟେକ ସଦସ୍ୟ ବାଜମାଅତ ନମାଜ ପାଠରେ ଅଭ୍ୟସ୍ତ ହୁଅନ୍ତୁ ବରଂ ପ୍ରତ୍ୟେକ ବ୍ୟକ୍ତିକୁ ସ୍ୱୟଂ ନିଜର ନିରୀକ୍ଷଣ କରି ଚେଷ୍ଟା କରିବା ଉଚିତ୍ କି ସେ ବାଜମାଅତ ନମାଜ ପାଠ କରିବାରେ ଅଭ୍ୟସ୍ତ ହୋଇଗଲେଣି । କେବଳ ରୋଗବ୍ୟାଧି ଓ ଅସୁବିଧା ବ୍ୟତୀତ ସାମାନ୍ୟ ଅବସ୍ଥାରେ ବାଜମାଅତ ନମାଜ ପାଠ କରିବାକୁ ପୂର୍ଣ୍ଣ ପ୍ରୟାସ କରିବା ଉଚିତ୍ । ଯଦି ନିକଟରେ କୌଣସି ମସଜିଦ୍ କିମ୍ବା ନମାଜ ସେଣ୍ଟର ନାହିଁ ତେବେ ଅଂଚଳର ଲୋକେ ଗୋଟିଏ ଘରେ ଏକତ୍ର ହୋଇ ବାଜମାଅତ ନମାଜ ପାଠର ବ୍ୟବସ୍ଥା କରିବା ଉଚିତ୍ । ଯଦି ଏହି ସୁବିଧା ନାହିଁ ତେବେ ଘରର ସଦସ୍ୟଙ୍କୁ ନେଇ ବାଜମାଅତ ନମାଜ ପାଠ କରିବା ଉଚିତ୍ । ଏତତ୍ ଦ୍ୱାରା ଘରର ଯୁବକ, ପିଲାମାନେ ନମାଜ ଓ ବାଜମାଅତ ନମାଜ ପଢିବାର ଗୁରୁତ୍ୱ ବୁଝିପାରିବେ ।

ସୁତରାଂ ଅନ୍‌ସାରବୃନ୍ଦ ପ୍ରକୃତରେ ଅନସାର୍ ସେତେବେଳେ ହୋଇପାରିବେ ଯେତେବେଳେ ଅଲ୍ଲାଃଙ୍କ ଧର୍ମକୁ ପ୍ରତିଷ୍ଠା କରିବା ଓ ତଦନୁଯାୟୀ ଅମଲ କରିବା ତଥା କରାଇବା ପାଇଁ (ବିଶେଷ) ଭୂମିକା ଗ୍ରହଣ କରିବେ । ଯଦି ଅଲ୍ଲାଃଙ୍କ ଉପାସନା ଯାହାକି ମଣିଷ ଜୀବନର ମୂଳ ଲକ୍ଷ ଅଟେ, ତାହାର ପାଳନ କରାଯାଉ ନାହିଁ ଏବଂ ଯାହାଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ ରହିଛି ସେମାନେ ଅମଳ କରୁ ନାହାନ୍ତି କିମ୍ବା ଅମଳ କରେଇବାର ପ୍ରୟାସ କରାଯାଉ ନାହିଁ ଏବଂ ନିଜର ନମୁନା ପ୍ରଦର୍ଶନ କରାଯାଉ ନାହିଁ ତେବେ ସେମାନେ କେବଳ ନାମକୁ ମାତ୍ର ଅନ୍‌ସାର ଅଟନ୍ତି । ଆଜି ତୀର ଓ ତଲବାରର  ଯୁଦ୍ଧ ନାହିଁ, ଯେଉଁଠାରେ କି ସାହାର୍ଯ୍ୟକାରୀ ଆବଶ୍ୟକ । ହଜରତ ମସିହ ମଉଦ ଆ.ସ କୁହନ୍ତି- **ଆମର ବିଜୟୀ ହେବାର ଅସ୍ତ୍ର ଦୁଆ ଅଟେ** । ଅତଏବ ଅନ୍‌ସାରୁଲ୍ଲାଃ ହେବା ପାଇଁ ଏହି (ଦୁଆର) ଅସ୍ତ୍ର ବ୍ୟବହାର କରିବା ଆବଶ୍ୟକ । ଏଥିପାଇଁ ଜରୁରୀ କି ଅଲ୍ଲାଃଙ୍କ ନିର୍ଦ୍ଦେଶ ମୁତାବକ ଏହି ଅସ୍ତ୍ରର ବ୍ୟବହାର କରିବା ଏବଂ ଯେତେବେଳେ ଏହା ହେବ ତେବେଯାଇ ଆମେ ହଜରତ ମସିହ ମଉଦ ଆ.ସଙ୍କ ବୟତର ସଠିକ୍ କର୍ତବ୍ୟ ସମ୍ପାଦନ କରିପାରିବା ନଚେତ୍ ଯେପରିକି ଆପଣ ବାରମ୍ବାର କହିଛନ୍ତି ଯଦି ତୁମେ ମୋ କଥାର ଅବମାନନା କରିବ, ନିଜ ଭିତରେ ପବିତ୍ର ପରିବର୍ତନ ଆଣିବ ନାହିଁ ତଥା ନିଜ ଉପାସନାର କର୍ତବ୍ୟ ସମ୍ପାଦନ କରିବ ନାହିଁ ତେବେ ମୋର ବୟତ କରିବାର ତୁମକୁ କୌଣସି ସୁଫଳ ମିଳିବ ନାହିଁ । ସୁତରାଂ ପ୍ରତ୍ୟେକ ନାସିର୍ (ବୟସ୍କ ବ୍ୟକ୍ତି)ଙ୍କୁ ବିଶେଷ ଭାବରେ ନିଜର ନିରୀକ୍ଷଣ କରିବା ଉଚିତ୍ ଯେ, ସେ ନିୟମିତ ନମାଜ ପାଠ କରୁଅଛି ଏବଂ ନିଜ ପିଲାମାନଙ୍କ ପାଇଁ କିଭଳି ନମୁନା ପ୍ରଦର୍ଶନ କରୁଅଛି । ତାହାର ନମାଜ ପାଠ କରିବାର ଅବସ୍ଥା ଓ ରୂପରେଖ କିଭଳି ଅଟେ କ'ଣ କେବଳ ବୋଝ ହାଲୁକା କରିବା ଉଦ୍ଦେଶ୍ୟରେ ନମାଜ ପାଠ କରୁଅଛି ଅବା ପ୍ରକୃତରେ ଅଲ୍ଲାଃଙ୍କ ପ୍ରସନ୍ନତା ଲାଭ କରିବା ଉଦ୍ଦେଶ୍ୟରେ କରୁଅଛି । ହଜରତ ମସିହ ମଉଦ ଆ.ସ ନମାଜ ପାଠ କରିବାର ଗୁରୁତ୍ୱ, ତାହାର କର୍ତବ୍ୟ, ବିଶେଷତା, ଉଦ୍ଦେଶ୍ୟ, ଧାର୍ଯ୍ୟ ସମୟର ବିଶେଷତା ତଥା ତାହା କିପରି ସମ୍ପାଦନ କରିବ ଏଥିସମ୍ବନ୍ଧରେ ବିଭିନ୍ନ ଉପାୟରେ ବିଭିନ୍ନ ସମୟରେ ଧ୍ୟାନ ଆକର୍ଷିତ କରିଛନ୍ତି । ଆପଣଙ୍କର କେତେକ ତଥ୍ୟ ମୁଁ ଏଠାରେ ଉପସ୍ଥାପନ କରିବାକୁ ଯାଉଛି ଯାହାକି ନମାଜର ଗୁରୁତ୍ୱ ଓ ବିଶେଷତା ଉପରେ ଆଲୋକପାତ କରୁଅଛି । ନିୟମିତ ଓ ଯୋଜନାବଦ୍ଧ ଭାବରେ ନମାଜ ପାଠ କରିବା ସମ୍ବନ୍ଧରେ ଉପଦେଶ ଦେଇ ହଜରତ ମସିହ ମଉଦ ଆ.ସ ଗୋଟିଏ ସ୍ଥାନରେ କୁହନ୍ତି-

ନିୟମିତ ଭାବରେ ନମାଜ ପାଠ କର । କେତେକ ଲୋକ (ଦିନକୁ) ମାତ୍ର ଥରେ ନମାଜ ପାଠ କରିଥାନ୍ତି, ସେମାନେ ମନେରଖିବା ଉଚିତ୍ ଯେ, ନମାଜର କ୍ଷମା ନାହିଁ ଏପରିକି ଅବତାରମାନଙ୍କୁ ମଧ୍ୟ (ନମାଜ ପାଠ) କରିବାରୁ କ୍ଷମା ମିଳି ନାହିଁ । ହଦିସ୍‌ରେ ଦରଜ ଅଛି ହଜରତ ମହମ୍ମଦ ସ.ଆଙ୍କ ନିକଟକୁ ଗୋଟିଏ ନୂଆ ଗୋଷ୍ଠୀ ଆସି ନିଜ ପାଇଁ ନମାଜ ପାଠରୁ ମୁକ୍ତି ପାଇବା ପାଇଁ ଅନୁମତି ଭିକ୍ଷା କଲେ । **ହଜରତ ମହମ୍ମଦ ସ.ଆ ଉତର ଦେଲେ ଯେଉଁ ଧର୍ମରେ ଅମଳ ନାହିଁ ତାହା ଧର୍ମରେ ହିଁ ପରିଗଣିତ ନୁହଁ ।** ଅତଏବ ଏକଥା ଭଲ ଭାବରେ ମନେରଖିନିଅ ଓ ଅଲ୍ଲାଃଙ୍କ ଆଦେଶ ମୁତାବକ ଅମଳ କର ।

ପୁନଶ୍ଚ ନମାଜର ସତ୍ୟାସତ୍ୟ, ଗୁରୁତ୍ୱ ଓ ତାହାର ଆବଶ୍ୟକତା ଏବଂ ଅବସ୍ଥା କିଭଳି ହେବା ଉଚିତ୍ ତାହାର ସ୍ପଷ୍ଟିକରଣ କରି ହଜୁର ଆ.ସ କୁହନ୍ତି ନମାଜ କ'ଣ ? ଏକ ବିଶେଷ ଦୁଆ କିନ୍ତୁ ଲୋକେ ଏହାକୁ ରାଜାଙ୍କ ଟିକସ ମନେକରୁଛନ୍ତି । ମୁର୍ଖଲୋକେ ଏତିକି ଜାଣୁନାହାନ୍ତି ଭଲା ଅଲ୍ଲାଃତାଲାଙ୍କୁ ବା ଏହାର କ'ଣ ଆବଶ୍ୟକତା ରହିଛି । ସେ ତ ସମସ୍ତ ପ୍ରକାରର ପ୍ରୟୋଜନଠାରୁ ପବିତ୍ର । କ'ଣ ଏପରି ହସ୍ତିକୁ ମାନବ ଦୁଆ, ପ୍ରଶଂସା ଓ ଗୁଣଗାନର ଆବଶ୍ୟକତା ଲୋଡ଼ା ବରଂ ସେଥିରେ ତ ମଣିଷର ହିଁ ଉପକାର ସାଧିତ ହୋଇଥାଏ କି ଏହି ମାର୍ଗ ଦ୍ୱାରା ସେ ନିଜର ଉଦ୍ଦେଶ୍ୟ ପୂରଣ କରିନେଇଥାଏ । ଏହା ଦେଖି ମୋତେ ବହୁତ ଦୁଃଖ ଲାଗେ ଯେ, ଆଜିକାଲି ଲୋକମାନଙ୍କର ଉପାସନା ଓ ଧର୍ମ ପ୍ରତି ସେଭଳି ଭଲପାଇବା ମନଭାବ ନାହିଁ । ଉପାସନାରେ ଯେଭଳି ଆନନ୍ଦ ଓ ସୁଖ ପାଇବା କଥା ସେଭଳି ସୁଖ (ତାହାକୁ ମିଳୁ) ନାହିଁ । ସଂସାରରେ ଏଭଳି କୌଣସି ଜିନିଷ ନାହିଁ ଯେଉଁଥିରେ (ଅଲ୍ଲାଃ) କିଛି ସ୍ୱାଦ ଓ ଆନନ୍ଦ ରଖିନାହାନ୍ତି । ଅଲ୍ଲାଃତାଲା ମଣିଷ ଜାତିକୁ ଉପାସନା ନିମନ୍ତେ ସୃଷ୍ଟି କରିଛନ୍ତି ତେବେ କ'ଣ ଏହା ସମ୍ଭବ କି ସେ ଉକ୍ତ ଉପାସନାରେ ଆନନ୍ଦ ଓ ସୁଖ ରଖିନଥିବେ । ଯେତେବେଳେ ମଣିଷ ଉପାସନା ପାଇଁ ଜନ୍ମିତ ତେବେ ଏହା ଆନିର୍ବାର୍ଯ୍ୟ କି ଉପାସନାରେ ସର୍ବାଧିକ ଆନନ୍ଦ ଓ ସୁଖ ରହିଥିବ ଏବଂ ସର୍ବୋଚ୍ଚ ସ୍ତରର ଆନନ୍ଦ ଓ ସୁଖ ରହିବା ଉଚିତ୍ । ନଚେତ୍ ଅଲ୍ଲାଃତାଲାଙ୍କର ମଣିଷକୁ କେବଳ ସୃଷ୍ଟି କରିବା ଓ ତାହାର କୌଣସି ଉଦ୍ଦେଶ୍ୟ ନିର୍ଦ୍ଧାରଣ ନକରିବା କିମ୍ବା ଉଦ୍ଦେଶ୍ୟରେ ପୂରଣରେ କୌଣସି ଆନନ୍ଦ ଓ ସୁଖ ଲାଭ ନହେଲେ ସେ ଉକ୍ତ କାର୍ଯ୍ୟ କିଭଳି ସମ୍ପାଦନ କରିବ । ଉଦାହରଣ ସ୍ୱରୂପ ଖାଦ୍ୟସଶ୍ୟ ମଣିଷ ପାଇଁ ଉଦ୍ଧିଷ୍ଟ ତେବେ କ'ଣ ସେ ସେଥିରୁ ଆନନ୍ଦ ଲାଭ କରୁ ନାହିଁ । କ'ଣ ତାହାର ସ୍ୱାଦ ଓ ମଜା ନେବା ପାଇଁ (ଅଲ୍ଲାଃ ତାହାକୁ) ଜିଭ ପ୍ରଦାନ କରିନାହାନ୍ତି । **ଅତଏବ ଭଲଭାବରେ ମନେରଖ ଉପାସନା ମଧ୍ୟ କୌଣସି ବୋଝ କିମ୍ବା ଟିକସ ନୁହେଁ । ସେଥିରେ ମଧ୍ୟ ଏକ ପ୍ରକାରର ଆନନ୍ଦ ଓ ସୁଖ ରହିଛି ଏବଂ ଏହି ଆନନ୍ଦ ଓ ସୁଖ ସଂସାରର ସମସ୍ତ ପ୍ରକାର ଆନନ୍ଦ ଓ ସୁଖଠାରୁ ଅଧିକ ଓ ସର୍ବୋତମ ଅଟେ** । ଯେପରି ଜଣେ ରୋଗୀ ଉତମରୁ ଉତମ ସ୍ୱାଦ (ପ୍ରାପ୍ତି)ରୁ ବଂଚିତ ରହିଥାଏ ଠିକ୍ ସେହିପରି ଜଣେ ଅଭାଗା ମଣିଷ ହିଁ ଅଲ୍ଲାଃଙ୍କ ଉପାସନାର ଆନନ୍ଦରୁ ବଂଚିତ ରହିଥାଏ । ସୁତରାଂ ଆମ୍ଭମାନଙ୍କ ମଧ୍ୟରୁ ଯାହାର ଅବସ୍ଥା ଏପରି ଅଟେ, ତାହାକୁ (ନିଜ ଅବସ୍ଥା ପ୍ରତି) ଚିନ୍ତିତ ହେବା ଉଚିତ୍ ।

ପୁଣି ପ୍ରକୃତ ନମାଜ କେଉଁ ପ୍ରକାରର ଓ କିଭଳି ହେବା ଉଚିତ୍ ତାହାର ସ୍ପଷ୍ଟିକରଣ କରି ହଜରତ ମସିହ ମଉଦ ଆ.ସ କୁହନ୍ତି ମନେରଖ ନମାଜ ଏଭଳି ଜିନିଷ ଯେଉଁଥିରେ ସଂସାର ଓ ଧର୍ମ ଉଭୟ ସୁନ୍ଦର ଓ ସୁଖମୟ ହୋଇଯାଇଥାଏ । କିନ୍ତୁ ଅଧିକାଂଶ ଲୋକ ଯେ କି ନମାଜ ପାଠ କରିଥାନ୍ତି ତାହା ସେମାନଙ୍କ ଉପରେ ଅଭିଶାପ ପକାଇଥାଏ ଯେପରି ଲେଖାଅଛି **ଫୱଇଲୁଲ୍ ଲିଲ୍‌ମୁସଲ୍ଲିନ୍ ଅଲ୍‌ଲଜିନା ହୁମ୍ ଅନ୍‌ସଲାତିହିମ୍ ସାହୁନ୍** ଅର୍ଥାତ ସେହି ନମାଜ ପାଠକାରୀମାନଙ୍କର ମଧ୍ୟ ସର୍ବନାଶ ହେଉ ଯେଉଁମାନେ ନିଜ ନମାଜ ପାଠରେ ମନଯୋଗ କରିନଥାନ୍ତି । ଆପଣ କୁହନ୍ତି ନମାଜ ପାଠ କରିବା ମଣିଷକୁ ସମସ୍ତ ପ୍ରକାରର ଅପକର୍ମ ଓ ନିର୍ଲଜତାରୁ ରକ୍ଷା କରିଥାଏ । ହଜୁର ଅନଓ୍ୱର ଅ.ବ କହିଲେ- ଏଭଳି ନମାଜ ପାଠ କରିବା ମଣିଷ ହାତରେ ନାହିଁ ଏବଂ ଏହା ଅଲ୍ଲାଃଙ୍କ ସାହାଯ୍ୟ ଓ ଅନୁକମ୍ପା ବ୍ୟତୀତ ହାସଲ ହୋଇନଥାଏ ଏବଂ ଯେପର୍ଯ୍ୟନ୍ତ ମଣିଷ ଦୁଆରେ ଲାଗିରହି ନାହିଁ, ଏଭଳି ମନଯୋଗ ଓ ନମ୍ରତାର ସହିତ ନମାଜ ପାଠ କରିବା ଭାବନା ଜାଗ୍ରତ ହୋଇନଥାଏ । ଅତଏବ ନମାଜରେ ଆନନ୍ଦ ଓ ସୁଖ ପ୍ରାପ୍ତି ନିମନ୍ତେ ଅଲ୍ଲାଃଙ୍କ କୃପା ଲାଭ କରିବା ଅତ୍ୟନ୍ତ ଜରୁରୀ । ପୁଣି ଅଲ୍ଲାଃଙ୍କ କୃପା ମାଗିବା ପାଇଁ ତାଙ୍କ ନିକଟରେ ନତମସ୍ତକ ହେବା ଆବଶ୍ୟକ । ଏପରିକି ଚଲାବୁଲା ଓ ଭ୍ରମଣ କଲାବେଳେ ମଧ୍ୟ ଅଲ୍ଲାଃଙ୍କ (ଗୁଣ) ଗାନ କରିବା ଆବଶ୍ୟକ ଏବଂ ତାଙ୍କଠାରୁ ବିନମ୍ରତା ଭିକ୍ଷା କରିବା ମଧ୍ୟ ଆବଶ୍ୟକ । ଯଦି ମଣିଷ ଏହି ଅବସ୍ଥା ନିଜ ଭିତରେ ଉତ୍ପନ୍ନ କରିଦିଏ ତେବେ ନମାଜର ପ୍ରକୃତ ସୁଖ ଲାଭ କରିପାରିବ ।

ଲେଖାଅଛି **ଇନ୍ନଲ୍ ହସନାତେ ୟୁଜ୍‌ହିବୁସ୍ ସଇ୍ୟାତ୍** ଅର୍ଥାତ ଉତମ କର୍ମ (ନମାଜ) ଅପକର୍ମକୁ ଦୂରେଇ ଦେଇଥାଏ । ଆଉ ଏକ ସ୍ଥାନରେ କୁହାଯାଇଛି ନମାଜ ଅଶ୍ଳୀଳତା ଓ ଅପକର୍ମରୁ ନିବୃତ ରଖିଥାଏ । ଆମେ ଦେଖିଥାଉ କି କେତେକ ଲୋକ ନମାଜ ପାଠ କରିବା ସତ୍ୱେ ଅପକର୍ମରେ ଜଡ଼ିତ ରହିଥାନ୍ତି ଏହାର ଉତର ଏହି କି ଯେ, ସେମାନେ ନମାଜ ପଢିଥାନ୍ତି କିନ୍ତୁ ଅନ୍ତର ଆତ୍ମ ଓ ପୂର୍ଣ୍ଣ ଏକାଗ୍ରତାର ସହିତ ନୁହେଁ । ସେମାନେ କେବଳ ରୀତି ଓ ଅଭ୍ୟାସ ମୁତାବକ କପାଳ ଭୂମିଷ୍ଟ କରିଥାନ୍ତି । ସେମାନଙ୍କ ଆତ୍ମା ଜୀବିତ ନୁହେଁ । ଯେଉଁମାନେ ସତ୍ୟନିଷ୍ଠ ସେମାନଙ୍କୁ ନମାଜ ଅପକର୍ମରୁ ଦୂରେଇ ଦେଇଥାଏ ।

ହଜୁର ଅନଓ୍ୱର ଅ.ବ କହିଲେ- ନମାଜରେ ବିଭିନ୍ନ ଅବସ୍ଥା ଯେପରି କୟାମ(ଦଣ୍ଡାୟମାନ ହେବା), ରୁକୁ(ନଇଁପଡ଼ିବା), ସଜ୍‌ଦା(ଶିର ଭୂମିଷ୍ଟ କରିବା), କାଆଦା (ବସିବା) ଆଦି ଏଥିପାଇଁ ରଖାଯାଇଛି କି ଏତତ୍ ଦ୍ୱାରା ସେହି ଉଦ୍ଦେଶ୍ୟ ଓ ଲକ୍ଷ ହାସଲ କରାଯାଇ ପାରିବ । ଆପଣ କୁହନ୍ତି ନମାଜର ଏସମସ୍ତ ଅବସ୍ଥା ପ୍ରକୃତରେ ଆଧ୍ୟାତ୍ମିକ ଆସନ ଓ ଅବସାନ ଅଟେ । ମଣିଷକୁ ଅଲ୍ଲାଃଙ୍କ ସମ୍ମୁଖରେ ଦଣ୍ଡାୟମାନ ହେବାକୁ ପଡ଼ିଥାଏ ଏବଂ କୟାମ୍ ମଧ୍ୟ ଶାଳୀନତାର ପ୍ରତୀକ ଅଟେ । ରୁକୁ ଯାହାକି ନମାଜର ଦ୍ୱିତୀୟ ଆସନ ଅଟେ,

ଦର୍ଶାଉଛି ଯେ ଆଦେଶ ପାଳନର ପ୍ରସ୍ତୁତି କରିବା କି କିଭଳି ନତମସ୍ତକ ହେବା ଉଚିତ୍ ଏବଂ ସଜ୍‌ଦା ସମ୍ମାନ ପ୍ରଦାନ କରିବା, ନମ୍ର ଓ ନିଜ ଅସ୍ତିତ୍ୱକୁ ତୁଚ୍ଛ ମଣିବାର ସର୍ବୋଚ୍ଚ ସ୍ତର ପ୍ରକାଶ କରିବା ଅଟେ । ଅଲ୍ଲାଃତାଲା ଏହି ଶାଳୀନତା (ଭାବନାକୁ)ମନେରଖିବା ପାଇଁ (ଉକ୍ତ ଆସନମାନ) ଧାର୍ଯ୍ୟ କରିବା ସହିତ ଶରୀରକୁ (ଉପାସନାରେ) ଅଂଶ ଗ୍ରହଣ କରିବା ପାଇଁ ଏସବୁ ଆସନ ଧାର୍ଯ୍ୟ କରାଯାଇଛି । ବର୍ତମାନ ଏହି ଶାରୀରିକ ଆସନ ଯାହାକି ପ୍ରକୃତରେ ଆନ୍ତରିକ ଓ ଅପ୍ରକାଶିତ ମାର୍ଗର ଏକ ପ୍ରତିଛବି ଅଟେ । କେବଳ ନକଲକାରୀ ପରି ନକଲ କରିବା ଅର୍ଥାତ ହାତ ବାନ୍ଧିବା, ରୁକୁ, ସଜ୍‌ଦା କରିବା, ବସିବା ଯଦି କେବଳ (କାହାରି) ନକଲ କରିବା ପରି ବସିବା ଉଠିବା ଏବଂ ତାହାକୁ ଏକ କଷ୍ଟଦାୟକ ବୋଝ ମନେକରି ବେକରୁ କାଢି ଫିଙ୍କିଦେବାକୁ ଚେଷ୍ଟା କର ତେବେ ତୁମେ ହିଁ କୁହ କି ସେଥିରୁ କି ପ୍ରକାର ଆନନ୍ଦ ଓ ସୁଖ ମିଳିବ ଏବଂ ଯେପର୍ଯ୍ୟନ୍ତ ଆନନ୍ଦ ଓ ସୁଖ ମିଳି ନାହିଁ ତାହାର ସତ୍ୟତା କିଭଳି ଉନ୍ମୋଚିତ ହେବ ? ନମାଜରେ ଆନନ୍ଦ ଓ ଇନ୍ଦ୍ରିୟ ସୁଖ ମଧ୍ୟ ଅଲ୍ଲାଃ ଓ ଭକ୍ତ ମଧ୍ୟରେ ସମ୍ପର୍କ ସ୍ଥାପନ ଦ୍ୱାରା ପ୍ରାପ୍ତ ହୋଇଥାଏ । ଯେପର୍ଯ୍ୟନ୍ତ ନିଜକୁ ଅସ୍ତିତ୍ୱ ଶୂନ୍ୟ କିମ୍ବା ତାହା ସମତୁଲ୍ୟ ମନେକରି ଯାହାକି **ରବୁବିୟତ୍** (ଅଲ୍ଲାଃଙ୍କ ଉପାସନା) ପାଇଁ ଆବଶ୍ୟକ, ତାଙ୍କୁ ସମର୍ପଣ କରିଦେଇ ନାହଁ ତାଙ୍କର କୃପା ଓ ପ୍ରତିବିମ୍ବ ଉକ୍ତ ବ୍ୟକ୍ତି ଉପରେ ପଡ଼ିନଥାଏ ଏବଂ ଯେତେବେଳେ ଏହା ହୋଇଯାଏ ସେତେବେଳେ ସେ ସର୍ବୋଚ୍ଚ ସ୍ତରର ଆନନ୍ଦ ଓ ସୁଖ ଲାଭ କରିଥାଏ, ଯାଠାରୁ ବଳି ଅନ୍ୟ କୌଣସି ଆନନ୍ଦ ନାହିଁ । ଏହି ସ୍ତରରେ ମଣିଷର ଆତ୍ମା ସଦାସର୍ବଦା ପାଇଁ ଅସ୍ତିତ୍ୱ ଶୂନ୍ୟ ହୋଇ ଅଲ୍ଲାଃଙ୍କ ନିକଟକୁ ଏକ ଝରଣାର ସ୍ରୋତ ପରି ବହିଯାଇଥାଏ । ଅଲ୍ଲାଃଙ୍କ ବ୍ୟତୀତ ସେ ଅନ୍ୟ ସମସ୍ତଙ୍କଠାରୁ ସମ୍ପୂର୍ଣ୍ଣ ରୂପେ କଟିଯାଇଥାଏ ସେତେବେଳେ ଅଲ୍ଲାଃଙ୍କ ଭଲପାଇବା ତାହାକୁ ପ୍ରାପ୍ତ ହୋଇଥାଏ । ସେହି ମିଳନ ସମୟରେ ଯାହାକି ଉପରୁ **ରବୁବିୟତ୍‌ର** ଉତ୍ସାହ ଓ ନିମ୍ନପାର୍ଶ୍ୱରୁ **ଅବୁଦିୟତ୍** (ଭକ୍ତ ସେବା)ର ଉତ୍ସାହ ଏକ ବିଶେଷ ଅବସ୍ଥା ଉତ୍ପନ୍ନ କରିଥାଏ । **ତାହାର ନାମ ସଲାତ୍ ଅଟେ** । ଅତଏବ ଏହା ସେହି ସଲାତ୍ ଯାହାକି ଅପକର୍ମକୁ ଭସ୍ମ କରିଦେଇଥାଏ ଏବଂ ନିଜ ସ୍ଥାନରେ ଏକ ପ୍ରକାଶ ଓ ଚମକ ଛାଡ଼ିଯାଏ । ଯାହାକି ସାଲିକ୍ (ଭକ୍ତ)କୁ ରାସ୍ତାର ଭୟାବହତା ଓ ଅସୁବିଧା ସମୟରେ ଏକ ଉଜ୍ଜ୍ୱଳ ଆଲୋକ ପରି ସାହାଯ୍ୟ କରେ ଏବଂ ତାହା ସାମାନ୍ୟ ବର୍ଯ୍ୟବସ୍ତୁ ଏବଂ ପାଦରେ ଏଡ଼ାଇ ପାରୁଥିବା ପଥର ସଦୃଶ ତାହାର ମାର୍ଗରେ ପଡ଼ିରହିଥାଏ ଏବଂ ଉକ୍ତ ବ୍ୟକ୍ତିକୁ ସେଥିସମ୍ବନ୍ଧରେ ଅବଗତ କରାଇ ରକ୍ଷା କରାଯାଇଥାଏ ଏବଂ ଏହା ସେହି ଅବସ୍ଥା ଯେତେବେଳେ **ଇନ୍ନସ୍ ସଲାତା ତନ୍‌ହା  ଆନିଲ୍ ଫହ୍‌ଶାଏ ୱଲ୍ ମୁନ୍‌କର୍** ପ୍ରତିପାଦିତ ହୋଇଥାଏ, କାରଣ ତାହାର ହାତରେ ନୁହେଁ ବରଂ ହୃଦୟରେ ଏକ ଉଜ୍ଜ୍ୱଳ ଦିପ ରହିଥାଏ ।

ହଜୁର ଅନୱର ଅ.ବ କହିଲେ- ନମାଜରେ ୱସାଇସ୍ (ଧ୍ୟାନ ଭଙ୍ଗ) ହେବାର କାରଣ ଦର୍ଶାଇଛନ୍ତି କି ମନରେ ବିଭିନ୍ନ କିସମର ୱସାଇସ୍ ଉତ୍ପନ୍ନ ହୋଇଥାଏ, ଏକାଗ୍ରତା ଭଙ୍ଗ ହୋଇଥାଏ ହଜରତ ମସିହ ମଉଦ ଆ.ସ କୁହନ୍ତି- ଯେଉଁମାନେ ସମ୍ପୂର୍ଣ୍ଣ ରୂପେ ଅଲ୍ଲାଃଙ୍କ ସହ ମନଯୋଗ କରିନଥାନ୍ତି, ସେମାନଙ୍କ ନମାଜରେ ବିଭିନ୍ନ ପ୍ରକାରର ୱସାଇସ୍ ଆସିଥାଏ । ଦେଖ ଜଣେ କଏଦୀ ଯେତେବେଳେ ଜଣେ ହାକିମ ସମ୍ମୁଖରେ ଛିଡ଼ା ହୋଇଥାଏ, ସେତେବେଳେ କ'ଣ ତାହା ମନରେ କୌଣସି ପ୍ରକାର ଭିନ୍ନ ଭାବନା ଉଙ୍କି ମାରିଥାଏ । କଦାପି ନୁହେଁ ବରଂ ସେ ପୂର୍ଣ୍ଣ ରୂପେ ହାକିମ ପ୍ରତି ଧ୍ୟାନ ରଖିଥାଏ ଏବଂ ଏହି ଚିନ୍ତାରେ ଥାଏ କି ବର୍ତମାନ ହାକିମ କ'ଣ ଆଦେଶ ଦେଉଛନ୍ତି । ସେହିପରି ଯେତେବେଳେ ସ୍ୱଚ୍ଛ ହୃଦୟର ସହିତ ମଣିଷ ଅଲ୍ଲାଃଙ୍କ ପ୍ରତି ମନଯୋଗ କରି ତାଙ୍କ ଆସ୍ତାନରେ ପଡ଼ିରହେ ତେବେ ସଇତାନର ବା ତାର କ୍ଷମତା କ'ଣ ଯେ ସେ ତାହା ମନରେ ୱସାଇସ୍ ଉତ୍ପନ୍ନ କରିବ ।

ହଜୁର ଅନୱର ଅ.ବ କହିଲେ- ନମାଜର ସୁରକ୍ଷା ଓ ତାହର ପାଠ କାହିଁକି କରିବା । ଆଜିକାଲିର ଅନ୍ଧକାରମୟ ଯୁଗର ପ୍ରଭାବ ଦ୍ୱାରା ଅନେକ ଲୋକମାନଙ୍କ ମନରେ ଏହି ପ୍ରଶ୍ନ ଉଠିଥାଏ, କ'ଣ ଅଲ୍ଲାଃଙ୍କୁ ଆମ ନମାଜର ଆବଶ୍ୟକତା ରହିଛି । ହଜରତ ମସିହ ମଉଦ ଆ.ସ ଏହାର ସ୍ପଷ୍ଟିକରଣ କରି କୁହନ୍ତି- ଅଲ୍ଲାଃତାଲାଙ୍କୁ ଆମ ନମାଜର କୌଣସି ଆବଶ୍ୟକତା ନାହିଁ, ସେ ତ ସମସ୍ତ ପ୍ରକାରର ଆବଶ୍ୟକତାଠାରୁ ପବିତ୍ର ଅଟନ୍ତି । ତାଙ୍କର କୌଣସି ଜିନିଷ ଲୋଡ଼ା ନାହିଁ ବରଂ ମଣିଷର ଆବଶ୍ୟକତା ରହିଛି ଏବଂ ଏହା ଏକ ରହସ୍ୟମୟ ତଥ୍ୟ କି ମନୁଷ୍ୟ ନିଜର ଉପକାର କାମନା କରିଥାଏ । ତେଣୁ ସେ ଅଲ୍ଲାଃଙ୍କଠାରୁ ସାହାଯ୍ୟ ଭିକ୍ଷା କରିଥାଏ କାରଣ ଏହା ସତ୍ୟସିଦ୍ଧ ଯେ, ମଣିଷର ଅଲ୍ଲାଃଙ୍କ ସହ ସମ୍ପର୍କ ସ୍ଥାପନ ହେଲେ ହିଁ ସେ ପ୍ରକୃତ ସୁଫଳ ଅର୍ଜନ କରିଥାଏ । ଏପରି ବ୍ୟକ୍ତିର ଯଦି ସମଗ୍ର ପୃଥିବିବାସୀ ଶତ୍ରୁ ସାଜନ୍ତି ଏବଂ ତାହାର ଧ୍ୱଂସ ପାଇଁ ଚେଷ୍ଟା କରନ୍ତି ତେବେ ମଧ୍ୟ ତାହାର କୌଣସି ଅନିଷ୍ଟ କରିପାରି ନଥାନ୍ତି । ଏପରି ବ୍ୟକ୍ତି ପାଇଁ ଅଲ୍ଲାଃତାଲା ଲକ୍ଷାଧିକ ଲୋକଙ୍କୁ ମାରିବାକୁପଡ଼ିଲେ ମଧ୍ୟ ସେ ସେଥିରୁ ନିବୃତ ରହିନଥାନ୍ତି କିନ୍ତୁ ସେହି ଜଣକୁ ରକ୍ଷା କରିଥାନ୍ତି ।

ହଜରତ ମସିହ ମଉଦ ଆ.ସ କୁହନ୍ତି- ଯଦି ତୁମେ ନିଜ ନମାଜକୁ ସ୍ୱାଦପୂର୍ଣ୍ଣ ଓ ଆନନ୍ଦମୟ କରିବାକୁ ଚାହଁ ତେବେ ସେଥିପାଇଁ ଆବଶ୍ୟକ କି ନିଜ ଭାଷାରେ କିଛି ନା କିଛି ଦୁଆ କର କିନ୍ତୁ ଅଧିକାଂଶ ସମୟରେ ଦେଖିବାକୁ ମିଳିଥାଏ ଯେ, ନମାଜ ତ କପାଳ ଭୂମିଷ୍ଟ କରି (ଶିଘ୍ର) ସମ୍ପାଦନ କରିଦିଆଯାଉଛି ଏବଂ ତାପରେ ଦୁଆ କରିବାରେ (ଦିଘ୍ର)ସମୟ ବ୍ୟତୀତ କରିବା ପ୍ରକାଶ କରୁଛି ଯେମିତି ନମାଜ ଏକ ଅଯଥା ଟିକସ ପରିଶୋଧ କରିବା ଅଟେ । ଯଦି କିଂଚିତ ମାତ୍ର ନିଷ୍ଠା ରହିଯାଇଛି ତେବେ ତାହା ନମାଜ ପାଠ କରିବା ପରେ ଅର୍ଥାତ (ହାତ ଉଠାଇ) ଦୁଆ କରିବାରେ ଦେଖିବାକୁ ମିଳୁଅଛି । ଏହି ବିଶ୍ୱାସ ନାହିଁ କି ଦୁଆର ନାମ ହିଁ ନମାଜ ଅଟେ । ଯାହାକି ଅତ୍ୟନ୍ତ ବିନମ୍ରତା, ନିଷ୍ଠା ଓ ଅଧର୍ଯ୍ୟ ହୋଇ ଭିକ୍ଷା କରାଯାଇଥାଏ । ବଡ଼ ବଡ଼ ବିଶିଷ୍ଟ କାର୍ଯ୍ୟର ଚାବିକାଠି ମଧ୍ୟ କେବଳ ଦୁଆ ଅଟେ । ଅଲ୍ଲାଃଙ୍କ କୃପର ଦ୍ୱାର ଖୋଲିବାର ପ୍ରଥମ ପାହଚ ଦୁଆ ଅଟେ ।

ଆପଣ କୁହନ୍ତି ଦେଖ ଏଥିରେ ଅଲ୍ଲାଃଙ୍କର କୌଣସି ଉପକାର ସାଧିତ ହୋଇ ନଥାଏ ବରଂ ମଣିଷର ହିଁ ଉପକାର ହୋଇଥାଏ କି ତାହାକୁ ଅଲ୍ଲାଃଙ୍କ ଶରଣ ପ୍ରାପ୍ତ କରିବାର ସୁଯୋଗ ମିଳିବା ସହିତ ନିଜ ନିବେଦନ ଉପସ୍ଥାପନ କରିବାର ଅବସର ଲାଭ ହୋଇଥାଏ । ଯଦ୍ୱାରା ସେ ଅନେକ ଅସୁବିଧାରୁ ରକ୍ଷା ପାଇଯାଇଥାଏ । ମୁଁ ଆଶ୍ଚର୍ଯ୍ୟାନ୍ୱିତ ଯେ, ସେମାନେ କିଭଳି ଜୀବନ ଅତିବାହିତ କରୁଛନ୍ତି ଯେଉଁମାନଙ୍କ ଦିବାରାତ୍ର (ବିନା ଉପାସନାରେ) ଅତିବାହିତ ହୋଇଯାଏ କିନ୍ତୁ ସେମାନେ ଏତିକି ମଧ୍ୟ ଜାଣନ୍ତି ନାହିଁ ଯେ ତାଙ୍କର ଜଣେ ସୃଷ୍ଟିକର୍ତା ଅଛନ୍ତି । ମନେରଖ ଏପରି ମଣିଷ ବର୍ତମାନ ଏବଂ ଭବିଷ୍ୟତ ଉଭୟ (କାଳରେ) ଧ୍ୱଂସ ପାଇବ । **ଆପଣ କୁହନ୍ତି ମୁଁ ଏକ ଜରୁରୀ ଉପଦେଶ ଦେଉଛି ସମ୍ଭବତଃ ତାହା ଲୋକମାନେ ହୃଦୟଙ୍ଗମ କରିବେ ଦେଖ ବୟସ ଗଡ଼ି ଚାଲିଛି ଭୋଳାପଣ ଛାଡ଼ ଏବଂ ବିନମ୍ରତା (ଗୁଣ) ଆପଣାଅ** । ଏକାନ୍ତରେ ଅଲ୍ଲାଃଙ୍କ ନିକଟରେ ଦୁଆ କର ଅଲ୍ଲାଃଙ୍କ ବିଶ୍ୱାସକୁ ସୁରକ୍ଷିତ ରଖ ଯେପରି ସେ ତୁମ ଉପରେ ପ୍ରସନ୍ନିତ ଓ ରାଜି ହୋଇଯିବେ । ଏକଦା ହଜୁର ଆ.ସ କହିଲେ ବର୍ତମାନ ସୁଧା ତାଙ୍କର ଦୟାର ଦ୍ୱାର ବନ୍ଦ ହୋଇ ନାହିଁ । ଅତଏବ ଗମ୍ଭୀର ହୃଦୟ ଓ ପୂର୍ଣ୍ଣ ଏକାଗ୍ରତାର ସହ ନମାଜ ପାଠ କର ତଥା ଦୁଆ କରୁଥାଅ, ଆମ୍ଭ ଶିକ୍ଷା ମୁତାବକ ଅମଲ କର ଆମେ ମଧ୍ୟ (ତୁମ ପାଇଁ) ଦୁଆ କରିବୁ ।

ହଜୁର ଅନୱର ଅ.ବ କହିଲେ- ଫରଜ୍ ନମାଜ ସହିତ ତହଜୁଦ୍ ପାଠ କର ଓ ଅନ୍‌ସାରୁଲ୍ଲାଃଙ୍କୁ ବିଶେଷ ଭାବରେ ଏହାର ଆୟୋଜନ କରିବା ଉଚିତ୍ । ଆପଣ କୁହନ୍ତି ଯଦି ଏହି ଜୀବନର ପ୍ରତ୍ୟେକ ନିଶ୍ୱାସ ସାଂସାରିକ କାର୍ଯ୍ୟରେ ବ୍ୟତୀତ ହୋଇଯାଏ ତେବେ ଅନ୍ତିମ ଦିବସ ପାଇଁ କ'ଣ ଜମା କଲ । ବିଶେଷ କରି ତହଜୁଦ୍‌ରେ ଉଠ ଏବଂ ପୂର୍ଣ୍ଣ ଆଗ୍ରହ ଓ ଉତ୍ସାହର ସହିତ ନମାଜ ପାଠ କର । ମଧ୍ୟବର୍ତୀ ନମାଜ ଯାହକି କାରବାର ଯୋଗୁ ବାଧା ପ୍ରାପ୍ତ ହୋଇଥାଏ । ଦେଖ ସାଂସାରିକ କାର୍ଯ୍ୟରେ କଷ୍ଟ ସହ୍ୟ କରିବାକୁ ପଡ଼ିଥାଏ ତେବେ ଯଦି ନମାଜ ପାଇଁ କିଂଚିତ କଷ୍ଟ ସହ୍ୟ କରିନିଅ ତେବେ ଅସୁବିଧା କ'ଣ । ଏହା ଅଲ୍ଲାଃଙ୍କର ଅଶେଷ କୃପା ଯେ ଆମମାନଙ୍କ ପାଇଁ ପୂର୍ଣ୍ଣ ଓ ଶ୍ରେଷ୍ଠ (ପୁସ୍ତକ) ପଥ ନିଜ ପ୍ରିୟ ନବୀ ହଜରତ ମହମ୍ମଦ ସ.ଆଙ୍କ ମାଧ୍ୟମରେ ଅତ୍ୟନ୍ତ କଷ୍ଟ ଓ ପରିଶ୍ରମର ସହିତ ଦେଖାଇଲେ । ହଜରତ ମହମ୍ମଦ ସ.ଆ କହିଲେ **କୁର୍‌ରତୁଲ୍ ଐନି ଫିସ୍ ସଲାତ୍** । ପ୍ରକୃତ ଏକେଶ୍ୱରବାଦ କିଭଳି ସମ୍ପାଦନ ହୋଇଥାଏ ଉକ୍ତିର ସ୍ପଷ୍ଟିକରଣ କରି ହଜରତ ମସିହ ମଉଦ ଆ.ସ କୁହନ୍ତି- ଏକେଶ୍ୱରବାଦ ସେତେବେଳେ ସମ୍ପୂର୍ଣ୍ଣ ହୋଇଥାଏ ଯେତେବେଳେ ଆମେ ସମସ୍ତ କାମନା ଓ ସମସ୍ତ ରୋଗର ଉପସମ କେବଳ ସେହି (ସର୍ବଶକ୍ତିମାନ) ହସ୍ତିକୁ ମଣିବା । ଯେପର୍ଯ୍ୟନ୍ତ ମଣିଷ ପୂର୍ଣ୍ଣ ଏକେଶ୍ୱରବାଦ ଉପରେ ପ୍ରତିଷ୍ଠିତ ହୋଇନାହିଁ ତାହା ଅନ୍ତରରେ ଇସଲାମକୁ ଭଲପାଇବା ଓ ତାହାର ସମ୍ମାନ ବିରାଜିତ ହୋଇନଥାଏ ଏବଂ ନମାଜର ସୁଖ ଓ ଆନନ୍ଦ ତାହାକୁ ହାସଲ ହୋଇନଥାଏ । ତେବେ ଯେପର୍ଯ୍ୟନ୍ତ (ମନରୁ) ମନ୍ଦ ଚିନ୍ତା ଓ ଅପବିତ୍ର ଯୋଜନା ଭସ୍ମ ହୋଇ ନାହିଁ, ଲୋକଦେଖାଣିଆ ଭାବନା ଓ ଗର୍ବ ଦୂର କରି ନିଜ ଅସ୍ତିତ୍ୱକୁ ତୁଚ୍ଛ ମଣି ନାହଁ ସେପର୍ଯ୍ୟନ୍ତ ତୁମେ ଅଲ୍ଲାଃଙ୍କ ପ୍ରକୃତ ଭକ୍ତରେ ଅର୍ନ୍ତଭୁକ୍ତ ହୋଇପାରିବ ନାହିଁ ଏବଂ ପୂର୍ଣ୍ଣ **ଅବୁଦିୟତ୍‌ର** ଶିକ୍ଷା ଦେବାର ସର୍ବଶ୍ରେଷ୍ଠ ଶିକ୍ଷକ ଓ ଶ୍ରେଷ୍ଠ ମାଧ୍ୟମ ନମାଜ ଅଟେ । ଆପଣ କୁହନ୍ତି ମୁଁ ପୁନର୍ବାର ତୁମମାନଙ୍କୁ କହୁଅଛି ଯେ, ଯଦି ଅଲ୍ଲାଃଙ୍କ ସହିତ ପ୍ରକୃତ ସମ୍ପର୍କ ଯୋଡ଼ିବାକୁ ଚାହୁଁଛ ତେବେ ନିୟମିତ ଭାବରେ ନମାଜ ପାଠ କର ଏବଂ ଏପରି ପ୍ରତିଷ୍ଠିତ ରୁହ ଯେପରି ତୁମର ଶରୀର, ଜିଭ ଓ ତୁମ ହୃଦୟର ଭାବନା ଓ ଆଗ୍ରହ ସବୁକିଛି ନମାଜ ହୋଇଯିବ ।

ଅଲ୍ଲାଃତାଲା ଆମ୍ଭ ସମସ୍ତଙ୍କୁ ପ୍ରକୃତ ଏକେଶ୍ୱରବାଦରେ ପ୍ରତିଷ୍ଠିତ ରହିବା ଓ ନିଜ ନମାଜର ସୁରକ୍ଷା କରିବା ଓ ପୂର୍ଣ୍ଣ ଆନନ୍ଦ ସହକାରେ ନମାଜ ପାଠ କରିବାର ଶକ୍ତି ପ୍ରଦାନ କରନ୍ତୁ । ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟକାହାରିକୁ ନିଜର ଉପାସ୍ୟ ମଣିବା ପରିବର୍ତେ ସର୍ବଦା ଅଲ୍ଲାଃତାଲାଙ୍କୁ ନିଜର ପ୍ରକୃତ ଉପାସ୍ୟ ମଣ ।

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା-୨ ର ଅବଶିଷ୍ଟାଂଶ.......*

ହେଉଛି ଯଦି ଖଜାଦା ଏକାଠି କରିବାକୁ ଚାହୁଁଛ ଯାହା ଏ ସଂସାରରେ ମଧ୍ୟ କାମ ଦେବ ଓ ପରକାଳରେ ମଧ୍ୟ କାମ ଦେବ ତେବେ ନିଜ ଜିହ୍ଵାକୁ ଜିକ୍‌ରେ ଇଲାହି କରିବାରେ ବ୍ୟବହାର କର । ଅଲ୍ଲାଃତାଲାଙ୍କର କରୁଣାକୁ ହୃଦୟରେ ଅନୁଭବ କରି ତାଙ୍କୁ ଧନ୍ୟବାଦ ଦିଅ । ଏକଥା କହି କୃତଘ୍ନତା ହୁଅନାହିଁ ଯେ ଅମୁକ ଲୋକଙ୍କ ପାଖରେ ଏତେ ଧନ ସମ୍ପତି ଅଛି ବା ଅମୁକ ଲୋକ ପାଖରେ ବଡ଼ ଘର ଅଛି କିନ୍ତୁ ଆମ ପାଖରେ ନାହିଁ । ଅମୁକ ଲୋକ ପାଖରେ ଅମୁକ ଗାଡ଼ି ଅଛି ଆମ ପାଖରେ ନାହିଁ । ସେହିପରି ସ୍ତ୍ରୀମାନେ ମଧ୍ୟ ଏହା ନଦେଖନ୍ତୁ ଯେ ଅମୁକ ସ୍ତ୍ରୀ ଙ୍କ ପାଖରେ ଏତେ ଅଳଙ୍କାର ଅଛି, ଆମ ପାଖରେ ନାହିଁ ବା ଆମ ସ୍ଵାମୀ ଆମକୁ ତିଆରି କରି ଦେଉନାହାଁନ୍ତି । ଯଦି ସ୍ଵାମୀଙ୍କର ସାମର୍ଥ୍ୟ ଅଛି ତେବେ ନିଶ୍ଚିତ ରୂପେ ସ୍ତ୍ରୀକୁ ଦେବା କଥା କିନ୍ତୁ ଧାର ଉଧାର କରି ବା କରଜରେ ବୁଡ଼ି ଇଛା ପୁରଣ କରିବା ଉଚିତ୍ ନୁହେଁ । ଯଦି ଏପରି କୌଣସି ସ୍ତ୍ରୀ ବାଧ୍ୟ କରାଉଛନ୍ତି ତେବେ ଏହା ଜଣେ ଦୀନ୍‌ଦାରି(ଧାର୍ମିକ) ସ୍ତ୍ରୀ ର ଲକ୍ଷଣ ନୁହେଁ ।

ହଜୁର୍ ଅନୁଓ୍ଵର୍ ଅ:ବ:ଅ କହିଲେ:- ତେଣୁ ଅସଲ କଥା ହେଉଛି ଦୀନ୍ କୁ ଦୁନିଆ ଉପରେ (ଧର୍ମକୁ ସଂସାର ଅପେକ୍ଷା) ଅଗ୍ରାଧିକାର ଦେବାର ପ୍ରତିଶୃତିକୁ ସର୍ବଦା ମନେରଖନ୍ତୁ ଯେ ଆପଣମାନଙ୍କ ମଧ୍ୟରୁ ବହୁତ ଲୋକଙ୍କ ବାପା, ଜେଜେବାପାମାନେ ଅହେମଦୀୟତ୍ ଗ୍ରହଣ କରିଛନ୍ତି ଏବଂ ଏଥିପାଇଁ ବଳିଦାନ ଦେଇଛନ୍ତି । ତେଣୁ ଆପଣମାନେ ଏସବୁକୁ ମନେ ରଖିବା ଉଚିତ୍ । ଯଦି ଭୁଲିଯିବେ ତେବେ ନିଜ ଦୀନ୍‌କୁ ନଷ୍ଟ କରିଦେବେ । ନିଜ ପିଲାଙ୍କର ଦୀନ୍‌କୁ ମଧ୍ୟ ନଷ୍ଟ କରିଦେବେ । ଆପଣମାନେ ଯେଉଁମାନେ ପାକିସ୍ତାନୀ ଅଛ ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକଙ୍କୁ ନିଜ ଦେଶରୁ ଏଥିଯୋଗୁ ବାହାର କରିଦିଆଯାଇଛି ଯେ ଆପଣଙ୍କ ବାପା, ଜେଜେବାପା ଓ ଆପଣମାନେ ନିଜେ ସେଠିକାର ତଥାକଥିତ ମୁଲାଙ୍କ ଦୀନ୍ ପଛରେ ଚାଲିଲେ ନାହିଁ ବରଂ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ହୁକୁମ୍‌କୁ ବୁଝି ସୁଝି ଏବଂ ତାକୁ ଗ୍ରହଣ କରି ବର୍ତ୍ତମାନ ଯୁଗର ଇମାନ୍ ଓ ମସିହ୍ ମଉଦ୍‌ଙ୍କୁ ମାନିଛନ୍ତି । ସେଥିଯୋଗୁଁ କୌଣସି ମୁଲାର ଡର ମନରେ ରଖିନାହାଁନ୍ତି । ତେଣୁ ଆପଣମାନେ ନିଜ ଦେଶକୁ ଛାଡ଼ିଲେ । ନଚେତ୍ ଆପଣମାନଙ୍କ ନିକଟରେ କଣ ବିଶେଷତା ଥିଲା ଯେ ବା ସେହି ଅହେମଦୀମାନଙ୍କ କଣ ଅଧିକାର ଥିଲା ଯେଉଁମାନେ ଏଠାରେ ଆସାଇଲମ୍ ଗ୍ରହଣ କରିଛନ୍ତି ।

ହଜୁର୍ ଅନୁଓ୍ଵର୍ ଅ:ବ:ଅ କହୁଛନ୍ତି:- ଆପଣମାନେ ଯେଉଁମାନେ ଜର୍ମାନୀରେ ଆସି ଆବାଦ ହୋଇଛ ତାହା କୌଣସି ବିଶେଷ ଗୁଣ ଯୋଗୁ ନୁହେଁ ଓ ଆପଣମାନଙ୍କର ଏପରି କିଛି ବିଶେଷତା ନାହିଁ ବରଂ ଏହା କେବଳ ଦୀନ୍ ପାଇଁ ହୋଇପାରିଛି । ଯଦି ଏହା କେବଳ ଦୀନ୍ ପାଇଁ ତେବେ ତାକୁ ସର୍ବଦା ମନେରଖିବା ଉଚିତ୍ । ଏ ଜାତି(ଜର୍ମାନୀ) କେବଳ ଅହେମଦୀମାନଙ୍କୁ ଏଇଥିପାଇଁ ସ୍ଥାନ ଦେଇଛି ଯେ ଆମକୁ ଆମ ଦେଶରେ ଧର୍ମୀୟ ସ୍ଵାଧିନତାର ଅଧିକାର ନଥିଲା । ତେଣୁ ଏ କଥାକୁ ପୁରୁଷ ଓ ମହିଳାମାନେ ମନେରଖନ୍ତୁ ଯେ ଯଦି ଆମେ ଦୀନ୍‌ରେ କାଏମ୍ ନରହିବା ତେବେ ଆମ୍ଭେ ସେମାନଙ୍କୁ ଧୋକା ଦେଇଛେ ବୋଲି ପ୍ରମାଣିତ ହେବା ।

ହଜୁର୍ ଅନୁଓ୍ଵର୍ ଅ:ବ:ଅ କହିଲେ:-ଅଲ୍ଲାଃତାଲା ସମସ୍ତଙ୍କୁ ଶକ୍ତି ପ୍ରଦାନ କରନ୍ତୁ ଯେ ଆମେ ଆମ କଥନଦ୍ଵାରା ଓ ନିଜ କର୍ମଦ୍ଵାରା ଏହା ପ୍ରମାଣ କରି ଦେଖାଇବା ଯେ ଯେଉଁ ଧର୍ମକୁ ଆମ୍ଭେ ମାନିଛୁ ତାହା ସଚ୍ଚା ଧର୍ମ ଅଟେ ଓ ସେହି ଧର୍ମ ଆପଣଙ୍କ ଅଧିକାରକୁ ସୁରକ୍ଷା ଦେଉଅଛି । ତେଣୁ ସଂସାରବାସୀକୁ ଇସ୍‌ଲାମ୍‌ର ସୁଗୁଣ ବତାନ୍ତୁ ।

---

*ପୃଷ୍ଠା-୧୨ ର ଅବଶିଷ୍ଟାଂଶ.......*

ସଭ୍ୟତାର ଉନ୍ନତି ପାଇଁ ବହୁତ କାର୍ଯ୍ୟ କରିଛନ୍ତି । ଏହା ସହିତ ଏ ରିପୋର୍ଟ ମଧ୍ୟ ଆସିଛି ଯେ ଆଉ ଜଣେ ଆମେରିକିୟ ସିନିୟର୍ ପଲିସି ଟିପ୍ପଣୀ ଦେଇଛନ୍ତି ଯେ ଗୋରାମାନେ ଅନ୍ୟମାନଙ୍କ ଠାରୁ ଉତମ । ଏହିପରି କଠୋରପନ୍ଥୀ ଟିପ୍ପଣୀ ଅନ୍ୟ ଜାତି ଓ ଧର୍ମମାନଙ୍କ ଭିତରେ ନିରାଶା ସୃଷ୍ଟି କରିଥାଏ । ଇସ୍‌ଲାମ୍ ଏହାର ବିପରୀତ ଏ ଦାବି କରିଥାଏ ଯେ ପ୍ରତ୍ୟେକ ବ୍ୟକ୍ତି ଜାତି ଧର୍ମ ନିର୍ବିଶେଷରେ ସ୍ଵାଧୀନ ଭାବେ ଜନ୍ମ ହୋଇଥାଏ । ଇସ୍‌ଲାମ୍ ଏ ଶିକ୍ଷା ଦେଉଛି ଯେ କୌଣସି ଧର୍ମ ଅନ୍ୟ ଧର୍ମଠାରୁ ବଡ଼ ନାହିଁ ଏବଂ ନା କୌଣସି ଜାତିର ଲୋକ ଅନ୍ୟ ଜାତିର ଲୋକଙ୍କ ଠାରୁ ବୁଦ୍ଧିମାନ୍ ବରଂ ଅଲ୍ଲାଃତାଲା ହେଉଛନ୍ତି ସମସ୍ତଙ୍କର ପାଳନକର୍ତ୍ତା । ହଁ ଏକଥା ଠିକ୍ ଯେ ମନୁଷ୍ୟ ଦୁନିଆରେ ଯେଉଁ ଉନ୍ନତି କରିଚାଲିଛି ତାହା ତାର ପରିବେଶ ଉପରେ ନିର୍ଭର କରିଥାଏ ଓ ତା ନିଜ ଚେଷ୍ଟା ଦ୍ଵାରା ସେ ପାଇଥାଏ । କିନ୍ତୁ ମନୁଷ୍ୟ ଭିତରେ ଥିବା ସାମର୍ଥ୍ୟକୁ ଅଲ୍ଲାଃତାଲା ସମସ୍ତଙ୍କୁ ସମାନ ଦେଇଛନ୍ତି ।

ହଜୁର୍ ଅନୁଓ୍ଵର୍ ଅ:ବ:ଅ କହିଲେ-ଆଜିଠାରୁ ୧୪୦୦ ବର୍ଷ ପୂର୍ବେ ପୈଗମ୍ବର୍ ଇସ୍‌ଲାମ୍ ସ:ଆ:ସ ନିଜର ଗୋଟିଏ ମହାନ୍ ଭାଷଣ ଯାହାକୁ ''ଖୁତ୍‌ବା ହିଜ୍ଜତୁଲ୍ ୱିଦା'' କହନ୍ତି । ସେଥିରେ ମଧ୍ୟ ଏହି ବିଷୟକୁ ଉପସ୍ଥାପନ କରିଛନ୍ତି । ଆପଣ ସ:ଆ:ସ ଏହି ଭାଷଣରେ ସଂସାରରେ ଶାନ୍ତି ପ୍ରତିଷ୍ଠାର ମୂଳଦୁଆକୁ ରଖିଛନ୍ତି । ଏହି ଭାଷଣର ଶବ୍ଦଗୁଡିକ ଏତେ ମହନୀୟ ଏବଂ ସ୍ଥାୟୀ ଏବଂ ସଦାସର୍ବଦା ପାଇଁ ଅଟେ । ଆଁ ହଜ୍‌ରତ୍ ସ:ଆ:ସ ଘୋଷଣା କଲେ ଯେ ପ୍ରତ୍ୟେକ ଲୋକ ସମାନ ରୂପେ ଜନ୍ମ ହୁଅନ୍ତି । ନା ଗୋରାଙ୍କର କଳାଙ୍କ ଉପରେ କୌଣସି ଫଜିଲତ୍ ଅଛି ନା କଳାମାନଙ୍କର ଗୋରାଙ୍କ ଉପରେ କୌଣସି ଫଜିଲତ୍(ଉଚ୍ଚ ସମ୍ମାନ) ଅଛି । ଏହିପରି ଆପଣ ସ:ଆ:ସ କହୁଛନ୍ତି ଯେ ନା ଆରବୀୟ ମାନେ ଅଜମୀ(ଅଣଆରବୀୟ)ଙ୍କ ଉପରେ କୌଣସି ପ୍ରଭୁତ୍ଵ ଦେଖାଇବେ ବା ଅଣଆରବୀ ମାନେ ଆରବୀୟ ମାନଙ୍କ ଉପରେ କୌଣସି ପ୍ରଭୁତ୍ଵ ଦେଖାଇବେ । ପୈଗମ୍ବର୍ ଇସ୍‌ଲାମ୍ ସ:ଆ:ସ ମାନବିକ ଅଧିକାରର ପତାକାକୁ ଲହରାଇ ଏ ଘୋଷଣା କଲେ ଯେ ପ୍ରତ୍ୟେକ ମନୁଷ୍ୟ ସମାନ ହୋଇ ଜନ୍ମ ନିଅନ୍ତି । ସେମାନଙ୍କର ସମାନ ଅଧିକାର ଅଛି ।

ହଜୁର୍ ଅନୁଓ୍ଵର୍ ଅ:ବ:ଅ କହିଲେ-ଆଜି ଯେଉଁଠି ଇସ୍‌ଲାମ୍ ସମ୍ବନ୍ଧରେ ବହୁତ ଭୁଲ୍ ବୁଝାମଣା ସୃଷ୍ଟି ହୋଇଯାଇଛି । ତେଣୁ ଏହି ଯାଜଲ୍ୟମାନ ସିଦ୍ଧାନ୍ତକୁ ଦୋହରାଇବା ପାଇଁ ବହୁତ ଆବଶ୍ୟକ ଅଛି, ଯେଉଁଥିରୁ ପ୍ରମାଣ ହେଉଛି ଯେ ଇସ୍‌ଲାମ୍ ପ୍ରତ୍ୟେକ ପ୍ରକାର ଘୃଣାର ବିରୋଧ କରିଥାଏ । ଅଲ୍ଲାଃତାଲା ଆମମାନଙ୍କୁ କେବଳ ଶାରିରୀକ ଓ ମାନସିକ ସାମର୍ଥ୍ୟ ହିସାବରେ ସମାନ କରିନାହାଁନ୍ତି ବରଂ ଆମର ବିଶ୍ଵାସ ଯେ ଅଲ୍ଲାଃତାଲା ଆମର ଆଧ୍ୟାତ୍ମିକ ଉନ୍ନତି ନିମନ୍ତେ ମଧ୍ୟ ମାନବ ଜାତିର ମୋକ୍ଷ ପାଇଁ  ରାସ୍ତା ଦେଖାଇଛନ୍ତି । ଧର୍ମୀୟ ପ୍ରସଙ୍ଗରେ ଇସ୍‌ଲାମ୍ ଏହା କହେ ଯେ ଅଲ୍ଲାଃତାଲା ସଂସାରର ପ୍ରତ୍ୟେକ ଜାତିରେ ରସୁଲ୍(ଅବତାର) ପ୍ରେରଣ କରିଛନ୍ତି । ମୁସଲ୍‌ମାନମାନଙ୍କୁ ହୁକୁମ୍ ଦେଇଛି ଯେ ସେମାନେ ପ୍ରତ୍ୟେକ ଅବତାରଙ୍କୁ ସମ୍ମାନ କରନ୍ତୁ । ସେଥିଯୋଗୁଁ ଆମେ ପ୍ରତ୍ୟେକ ଧର୍ମର ପ୍ରତିଷ୍ଠାତାଙ୍କୁ ବହୁତ ସମ୍ମାନ ଦୃଷ୍ଟିରେ ଦେଖିଥାଉ । କାହା ବିରୋଧରେ କିଛି କହିବା ପାଇଁ ଆମେ ଭାବିପାରିବୁ ନାହିଁ । ବାସ୍ତବରେ ଜଣେ ସଚ୍ଚା ମୁସଲ୍‌ମାନ କୌଣସି ବି ପୈଗମ୍ବର ବା ମୁନି ଋଷିଙ୍କ ବିଷୟରେ ଖରାପ କହିପାରିବ ନାହିଁ, ସେ ଇସ୍‌ଲାମ୍ ଓ ପୈଗମ୍ବର୍ ଇସ୍‌ଲାମ୍ ସ:ଆ:ସ ଙ୍କ ଖିଲାଫ୍‌ରେ କେତେ କାହିଁ ଖରାପ ବ୍ୟବହାର କରୁନା କାହିଁକି । ଏଥିରେ କୌଣସି ଶଙ୍କା ନାହିଁ ଯେ ଯଦି ଆମେ କାହାକୁ ଆମ ନବୀ ସ:ଆ:ସ ଙ୍କ ସମ୍ମାନ ହାନି କରିବାର ଦେଖୁ ବା ଶୁଣୁ ତେବେ ଆମକୁ ବହୁତ ବ୍ୟତିବ୍ୟସ୍ତ ଲାଗେ ଏବଂ ଆମର ମନ ବହୁତ ଖରାପ ହୋଇଯାଏ କିନ୍ତୁ ଆମେ ଏହାର ପ୍ରତିବଦଳରେ କଦାପି ଅନ୍ୟ ଧର୍ମର ପୈଗମ୍ବର  ଓ ଅବତାରଙ୍କ ସମ୍ମାନ ବିରୋଧରେ କିଛି କହିପାରିବୁ ନାହିଁ । ଏହି ଘୃଣା ଓ ଶତୃତାର ପ୍ରତିବଦଳରେ ଆମର ଧର୍ମ ଆମକୁ ଏ ଶିକ୍ଷା ଦେଉଛି ଯେ ଆମେ ପ୍ରେମ, ଶାନ୍ତି ଓ ସୌହାର୍ଦ୍ଦ୍ୟର ସହିତ ତାଙ୍କୁ ଉତର ଦେଉ । ଇସ୍‌ଲାମ୍ କେବଳ ଏହା କହୁନାହିଁ ଯେ ଅନ୍ୟ ଧର୍ମ ଏବଂ ସେମାନଙ୍କର ଅବତାରମାନଙ୍କ ବିରୋଧରେ କିଛି କୁହନାହିଁ ବୋଲି ବରଂ ଇସ୍‌ଲାମ୍ ଆ ଠାରୁ  ଅଧିକା ଏହା କହୁଛି ଯେ ଯେପରି ସୁରା ଇନ୍‌ଆମ୍ ର ଆୟତ ନଂ-୧୦୯ ରେ ଅଛି ଯେ ମୁସଲ୍‌ମାନ୍‌ମାନେ ପିତୁଳା ପୁଜା କରୁଥିବା ଲୋକଙ୍କ ପିତୁଳାକୁ ମଧ୍ୟ ଖରାପ ନକୁହନ୍ତୁ କାରଣ ଯଦି ଏପରି କହିବେ ତେବେ ସେମାନେ ରାଗିଯାଇ ଅଲ୍ଲାଃତାଲାଙ୍କୁ ମଧ୍ୟ ଖରାପବୋଲି କହିବେ । ଯଦ୍ଵାରା ମୁସଲ୍‌ମାନ ମାନଙ୍କର ଭାବନା କ୍ଷୁର୍ଣ୍ଣ ହେବ ।

ହଜୁର୍ ଅନୁଓ୍ଵର୍ ଅ:ବ:ଅ କହିଲେ-ପବିତ୍ର କୋରାନ୍ ଘୃଣା ଭାବର ଏକ ଅସରନ୍ତି ସିଲ୍‌ସିଲା କୁ ଶେଷ କରିବା ପାଇଁ, ଯାହା ପରିଶେଷରେ ଶତୃତା ଓ ଅତ୍ୟାଚାରର କାରଣ ହୋଇଥାଏ, ମୁସଲ୍‌ମାନ ମାନଙ୍କୁ କହୁଛି ଯେ ସେମାନେ ଧୈର୍ଯ୍ୟର ସହିତ କାମ ନିଅନ୍ତୁ ଏବଂ ସବୁବେଳେ ଉତମ ଚରିତ୍ରକୁ ପରିବେଶଣ କରନ୍ତୁ । ଏହିପରି ପବିତ୍ର କୋରାନ୍‌ର ସୁରା ଆଲେ ଇମ୍‌ରାନ୍‌ର ଆୟତ ନଂ-୬୫ ରେ ମଧ୍ୟ ଧର୍ମୀୟ ଭାଇଚାରା ଏବଂ ସହନଶୀଳତାର ମୂଳଦୁଆ ରଖିଛି । ଏହି ଆୟତରେ ଆସୁଛି ଯେ ପ୍ରତ୍ୟେକ ଧର୍ମର ଲୋକମାନେ ବିଶେଷ ରୂପେ ଅହଲେ କିତାବ ଖୁଦାତାଲାଙ୍କ ଅସ୍ତିତ୍ଵ ବିଷୟରେ ଏକାଠି ହୁଅନ୍ତୁ । ତେଣୁ ପବିତ୍ର କୋରାନ୍ ମାନବ ସମାଜକୁ ଏକତ୍ରିତ ହେବାପାଇଁ ଏବଂ ନିଜର ବିଚ୍ଛିନ୍ନତାବାଦ ମନୋଭାବକୁ ଫିଙ୍କିଦେବା ପାଇଁ ଶିକ୍ଷା ଦେଇଥାଏ । ଏଠାରେ ପବିତ୍ର କୋରାନ୍ ଏହା ମଧ୍ୟ ବର୍ଣ୍ଣନା କରୁଛି ଯେ  ଯେଉଁଠି ଅଣମୁସଲ୍‌ମାନଙ୍କର କଥା ଏ ନିର୍ଦ୍ଦେଶକୁ ମାନନ୍ତୁ ବା ନ ମାନନ୍ତୁ କିନ୍ତୁ ମୁସଲ୍‌ମାନ ମାନଙ୍କର ଉପରେ ଏହା ଧାର୍ଯ୍ୟ ଅଟେ ଯେ ସେମାନେ ନିଶ୍ଚିତ ରୂପେ ଅନ୍ୟମାନଙ୍କ ବିଶ୍ଵାସ ଓ ଆସ୍ଥା ର ସମ୍ମାନ କରିବେ ଏବଂ ସେମାନଙ୍କ ପାଇଁ ନିଜର ହୃଦୟ ଖୋଲା ରଖିବେ ।

ହଜୁର୍ ଅନୁଓ୍ଵର୍ ଅ:ବ:ଅ କହିଲେ-ଆଉ ଗୋଟିଏ ଆରୋପ ଯାହା ଇସ୍‌ଲାମ୍ ଉପରେ ଲଗାଯାଉଛି ତାହା ହେଉଛି ଇସ୍‌ଲାମ ଅନ୍ୟମାନଙ୍କୁ ମୁସଲ୍‌ମାନ କରିବା ପାଇଁ ବଳ ପ୍ରୟୋଗ କରିବାକୁ ଅନୁମତି ଦେଇଥାଏ । ଏହା ମଧ୍ୟ ସମ୍ପୂର୍ଣ୍ଣ ରୂପେ ଭୁଲ୍ ଆରୋପ ଅଟେ ବରଂ ଏହାର ବିପରୀତ ପବିତ୍ର କୋରାନ୍‌ର ସୁରା ବକ୍‌ରା ଆୟତ ନଂ-୨୫୭ ରେ ନିସର୍ତ୍ତ ଘୋଷଣା କରାଯାଇଛି ଯେ ବିଶ୍ଵାସ/ଆସ୍ଥା ଏବଂ ଧର୍ମ ସମ୍ବନ୍ଧରେ କୌଣସି ପ୍ରକାର ବାଧ୍ୟ ବାଧକତା ନାହିଁ । ଇସ୍‌ଲାମ୍ ଏ ଦାବୀ କରେ ଯେ ଏହା ହେଉଛି ବିଶ୍ଵବ୍ୟାପୀ ଓ ସମ୍ପୂର୍ଣ୍ଣ ଧର୍ମ ।

ଏବଂ ଏହାର ଅବିଚ୍ଛେଦ ଅଂଶ ଏହା ହେଉଛି ଯେ ଧର୍ମ ମନୁଷ୍ୟର ହୃଦୟର ମାମଲା ଅଟେ । ସେଥିପାଇଁ କଦାପି କାହାକୁ ମୁସଲ୍‌ମାନ କରିବା ପାଇଁ କୌଣସି ପ୍ରକାରର ବଳ ପ୍ରୟୋଗ କରାଯାଇପାରିବ ନାହିଁ । ସୁରା ଇନୁସ୍ ର ଆୟତ ନଂ-୧୦୦ ରେ ଅଲ୍ଲାଃତାଲା କହୁଛନ୍ତି ଯେ-ଯଦିଚ ଅଲ୍ଲାଃଙ୍କର ଏ ଶକ୍ତି ଅଛି ଯେ ସେ ସମଗ୍ର ମାନବ ସମାଜକୁ ମୁସଲ୍‌ମାନ କରିଦେବେ କିନ୍ତୁ ଅଲ୍ଲାଃତାଲା ଲୋକମାନଙ୍କୁ ସମ୍ପୂର୍ଣ୍ଣ ରୂପେ ଏ ଅଧିକାର ଦେଇଛି ଯେ ସେ ନିଜ ସ୍ୱାଧିନରେ ଏବଂ ବିନା ଚାପରେ ନିଜର ରାସ୍ତା ନିଜେ ଗ୍ରହଣ କରିପାରିବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ସୁତରାଂ ସେହି ଖୁଦା ଯାହାର ଆମେ ଉପାସନା କରୁଅଛେ ସେ ଜାଲିମ୍ ନୁହଁନ୍ତି ଏବଂ ନା ସେ ଏହା ଚାହେଁ ଯେ ସମଗ୍ର ମାନବଜାତି ତା ଆଡ଼କୁ ଝୁକିଯାଉ ବରଂ ସେ ଏପରି ଏକ ମହାନ୍ ଅସ୍ତିତ୍ୱ ଯିଏ ସମସ୍ତଙ୍କୁ ଏ ଅଧିକାର ଦେଇଛି ଯେ ସେମାନେ ନିଜ ଇଚ୍ଛାନୁସାରେ ନିଜର ପ୍ରଥାକୁ ଓ ବିଶ୍ୱାସକୁ ବାଛିନିଅନ୍ତୁ । ଏହାର ଅର୍ଥ ଏହା କଦାପି ନୁହେଁ ଯେ ମୁସଲ୍‌ମାନ ମାନେ ନିଜ ଧର୍ମର ତବ୍‌ଲିଗ୍ ନକରନ୍ତୁ । ବରଂ ଏହାର ବିପରୀତ ଅଲ୍ଲାଃତାଲା ସମସ୍ତ ମୁସଲ୍‌ମାନ ମାନଙ୍କୁ ଏ ନିର୍ଦ୍ଦେଶ ଦେଇଛି ଯେ ସେମାନେ ଅନ୍ୟମାନଙ୍କ ନିକଟରେ ଇସ୍‌ଲାମ୍‌ର ବାର୍ତ୍ତାକୁ ପହଂଚାନ୍ତୁ । କିନ୍ତୁ ଏ ତବ୍‌ଲିଗ୍ ଶାନ୍ତିପୂର୍ଣ୍ଣ, ସହନଶୀଳତା ଓ ପ୍ରେମ ସୌହାର୍ଦ୍ଦ୍ୟର ଭାବନା ସହିତ ଅନ୍ୟର ସମ୍ମାନକୁ ଆଖିରେ ରଖି ହେବା ଉଚିତ୍ । ସୁତରାଂ ପବିତ୍ର କୋରାନ୍‌ର ସୁରା କହଫ୍‌ର ଆୟତ ନଂ-୩୦ ରେ କହୁଛନ୍ତି ଯେ ମୁସଲ୍‌ମାନ ମାନଙ୍କ ଉପରେ ଏହା ଫର୍ଜ (ଧାର୍ଯ୍ୟ) ଅଟେ ଯେ ସେମାନେ ଲୋକମାନଙ୍କୁ ବତାନ୍ତୁ ଯେ ଇସ୍‌ଲାମ୍ ଅଲ୍ଲାଃତାଲାଙ୍କ ତରଫରୁ ଗୋଟିଏ ସତ୍ୟ ଧର୍ମ ଅଟେ । ଏବଂ ପ୍ରତ୍ୟେକ ବ୍ୟକ୍ତି ସ୍ୱାଧୀନ । ସେ ଏହାକୁ ଗ୍ରହଣ କରୁ ବା ନ କରୁ । ସେଥିପାଇଁ ଶାନ୍ତିପୁର୍ଣ୍ଣ ମାର୍ଗ ଜରିଆରେ ମାନବ ସମାଜକୁ ଇସ୍‌ଲାମ୍‌ର ସତ୍‌ଶିକ୍ଷା ଆଡ଼କୁ ଡାକିବା ପାଇଁ ଚେଷ୍ଟା କରନ୍ତୁ ଏବଂ ସେମାନଙ୍କୁ ଏକ ଖୁଦାର ଚିହ୍ନା କରାନ୍ତୁ । ତେଣୁ ଆମ୍ଭେ ଲୋକମାନଙ୍କର ହୃଦୟ ଓ ମନକୁ ପ୍ରେମ ଓ ଅନୁକମ୍ପା ଦ୍ୱାରା ହିଁ ଜିତିବାକୁ ଚାହୁଁଛୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ପବିତ୍ର କୋରାନ୍‌ର ସୁରା ୟୁନୁସ୍‌ର ଆୟତ ନଂ-୨୬ ରେ କହୁଛନ୍ତି-ଅଲ୍ଲାଃତାଲା ଶାନ୍ତିର ଘର ଆଡ଼କୁ ନିମନ୍ତ୍ରଣ ଦେଉଅଛି । ଏହି ଆୟତ ଦ୍ୱାରା ଏହା ମଧ୍ୟ ସ୍ପଷ୍ଟ ହେଉଛି ଯେ ପ୍ରତ୍ୟେକ ବ୍ୟକ୍ତି ସ୍ୱାଧୀନ । ସେ ତା ଇଛା ଅନୁସାରେ ଇସ୍‌ଲାମ୍‌କୁ ମାନିନେଉ ବା ନ ମାନୁ । ସୁତରାଂ ଯଦି ଅଲ୍ଲାଃତାଲା ମାନବ ସମାଜକୁ ଶାନ୍ତିର ଘର ଆଡ଼କୁ ଡାକୁଅଛି ତେବେ ପୁଣି ମୁସଲ୍‌ମାନଙ୍କ ଉପରେ ଏହା ବୈଧ ଅଟେ ଯେ ସେମାନେ ଅନ୍ୟ ଲୋକମାନଙ୍କ ପାଇଁ ଶାନ୍ତି ଏବଂ ସୁରକ୍ଷାର ମାଧ୍ୟମ ହୋଇଯାଆନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ମୁଁ ପବିତ୍ର କୋରାନ୍‌ରୁ କିଛି ଆୟତ ବର୍ଣ୍ଣନା କଲି ଯାହା ସମ୍ପୂର୍ଣ୍ଣ ରୂପେ ଏହି ଚିତ୍ରକୁ ଭୁଲ୍ ପ୍ରମାଣିତ କରୁଛି ଯେ ନଉଜୁବିଲ୍ଲାଃ ଇସ୍‌ଲାମ୍ ହେଉଛି ଗୋଟିଏ ଏପରି ଧର୍ମ ଯିଏ ଅଣମୁସଲ୍‌ମାନଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରେ ଏବଂ ସମାଜର ଶାନ୍ତି ଓ ଉନ୍ନତିକୁ ବର୍‌ବାଦ୍ କରେ । ପୁଣି ପବିତ୍ର କୋରାନ୍‌ର ସୁରା କସସ୍ ଆୟତ ନଂ-୫୮ ରେ ଏହି ବାସ୍ତବିକତାକୁ ବର୍ଣ୍ଣନା କରାଯାଇଛି ଯେ ପ୍ରକୃତ ଇସ୍‌ଲାମ୍ ସବୁବେଳେ ଶାନ୍ତିପୁର୍ଣ୍ଣ ଅବସ୍ଥାରେ ହିଁ ପ୍ରସାର କରିଥାଏ । ଏବଂ ଏହା କୌଣସି ନୁଆ କଥା ନୁହେଁ ଯାହାର ଆମେ ଦାବି କରୁଅଛୁ । ଏହି ଆୟତ୍‌ରେ ସେହି ଲୋକମାନଙ୍କ ପ୍ରତି ଇଙ୍ଗିତ କରାଯାଇଛି ଯେଉଁମାନଙ୍କୁ ପୈଗମ୍ବର୍ ଇସ୍‌ଲାମ୍ ସ:ଆ:ସ ଙ୍କ ସମୟରେ ଇସ୍‌ଲାମ୍‌ର ବାର୍ତ୍ତା ମିଳିଥିଲା । କିନ୍ତୁ ସେମାନେ ତାକୁ ମାନିଲେ ନାହିଁ । ଏହି ଆୟତରେ କୁହାଯାଇଛି ଯେ ଏହାର କାରଣ ଭୌତିକ ଥିଲା ନା ଆଧ୍ୟାତ୍ମିକ । ସେହି ଲୋକମାନେ ନିଜେ ଏହା ମାନିନେଲେ ଯେ ସେମାନଙ୍କୁ ଭୟ ଲାଗୁଛି ଯେ ଯଦି ସେମାନେ ଏହି ବାର୍ତ୍ତାକୁ ଗ୍ରହଣ କରିନେବେ ତେବେ ସେମାନଙ୍କୁ ନିଜ ଧନସମ୍ପତିରୁ ବଂଚିତ ହେବାକୁ ପଡ଼ିବ । ଏବଂ ସେମାନଙ୍କ ନିଜ ଲୋକମାନେ ସେମାନଙ୍କର ସହିତ ସମ୍ପର୍କ ତୁଟାଇଦେବେ । ସେହି ଲୋକମାନେ ମୁସଲ୍‌ମାନଙ୍କଠାରୁ ଭୟଭିତ ନଥିଲେ କାରଣ ସେମାନେ ତାଙ୍କର ସୁନ୍ଦର ଶିକ୍ଷାକୁ ନିଜେ ଅନୁଭବ କରିସାରିଥିଲେ । କିନ୍ତୁ ବାସ୍ତବରେ ସେମାନେ ନିଜର ହାକିମ ଏବଂ ନିଜ ସମ୍ପର୍କୀୟ ମାନଙ୍କଠାରୁ ଭୟଭିତ ଥିଲେ । ଏ କଥା ପ୍ରମାଣ କରୁଛି ଯେ ଇସ୍‌ଲାମ୍‌ର ପ୍ରତିଷ୍ଠାତା ସ:ଆ:ସ ଏବଂ ଆପଣଙ୍କର ସାହାବା ର:ଅ ଇସ୍‌ଲାମ୍‌ର ବାର୍ତ୍ତାକୁ ଶାନ୍ତିପୁର୍ଣ୍ଣ ଢ଼ଙ୍ଗରେ ପହଂଚାଇବା ପାଇଁ ସର୍ବଦା ଚେଷ୍ଟା କରିଥିଲେ ଏବଂ କେବେ ବି କୌଣସି ପ୍ରକାର ବଳ ପ୍ରୟୋଗ କରିନଥିଲେ । ଏଥିରୁ ପ୍ରମାଣିତ ହେଉଛନ୍ତି ଯେ ଏପରି ଇସ୍‌ଲାମ୍ ଯାହାକୁ ହଜ୍‌ରତ୍ ମହମ୍ମଦ୍ ସ:ଆ:ସ ଶିଖାଇଛନ୍ତି ଏବଂ ଯାହା ଉପରେ ଆପଣ ସ:ଆ:ସ ଅମଳ କରି ଦେଖାଇଛନ୍ତି ତାର ମୁଳଦୁଆ କଠୋରବାଦି ଏବଂ ଅତ୍ୟାଚାରର ଶିକ୍ଷା ଉପରେ ନଥିଲା । ଏବଂ ଅଣମୁସଲମାନ ମାନେ ବିନା କୌଣସି ଦଣ୍ଡର ଭୟରେ ତାକୁ ପ୍ରତ୍ୟାଖ୍ୟାନ କରିଦେଉଥିଲେ । ଯଦି ସେମାନେ କାହାଠାରୁ ଭୟଭୀତ ଥିଲେ ତେବେ ସେମାନେ ହେଉଛନ୍ତି ତାଙ୍କ ନିଜ ଅଣ ମୁସଲିମ୍ ସର୍ଦ୍ଦାର ଓ ତାଙ୍କ ନିଜର ସମ୍ପର୍କୀୟମାନେ । ଯେଉଁମାନେ ସେମାନଙ୍କୁ ଇସ୍‌ଲାମ୍‌ର ଶାନ୍ତିପ୍ରିୟ ଶିକ୍ଷାକୁ ଗ୍ରହଣ କରିବା ପାଇଁ ସହିପାରୁନଥିଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ମୁଁ ଆପଣମାନଙ୍କ ସମ୍ମୁଖରେ ଆଁ ହଜ୍‌ରତ୍ ସ:ଆ:ସ ଙ୍କର ଫତାଃ ମକ୍କା (ମକ୍କା ବିଜୟ) ସମୟରେ ଆପଣଙ୍କର ନମୁନାକୁ ଦେଖାଇବା ପାଇଁ ଚାହୁଁଛି । ମକ୍କା ପୈଗମ୍ବର୍ ଇସ୍‌ଲାମ୍ ସ:ଆ:ସ ଙ୍କର ମାତୃଭୁମି ଥିଲା କିନ୍ତୁ ନବୁଓ୍ୱତ୍‌ର ଦାବୀ ପରେ ୧୩ ବର୍ଷ ପର୍ଯ୍ୟନ୍ତ ଆପଣ ସ:ଆ:ସ ଓ ଆପଣଙ୍କର ସାହାବୀ ର:ଅ ଙ୍କୁ ନିଜ ଲୋକମାନଙ୍କ ଦ୍ୱାରା ଭୀଷଣ ଅତ୍ୟାଚାର ସହିବାକୁ ପଡ଼ିଥିଲା । ସେମାନଙ୍କୁ ଲହୁ ଲୁହାଣ କରାଗଲା, ହତ୍ୟା କରାଗଲା ଏପରିକି ନିଜେ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଉପରେ ମଧ୍ୟ ହମ୍‌ଲା କରାଗଲା । ଯେପରି ତାଙ୍କର ପ୍ରିୟଜନ ମାନଙ୍କ ସହିତ କରାଯାଇଥିଲା । ପରିଶେଷରେ ସେମାନଙ୍କୁ ସେମାନଙ୍କ ଘରୁ ବାହାର କରିଦିଆଗଲା । ଫଳତଃ ସେମାନଙ୍କୁ ଦେଶ ଛାଡ଼ି ଚାଲିଯିବାକୁ ପଡ଼ିଲା । ଏହା କରିବା ସତ୍ତ୍ୱେ ମଧ୍ୟ ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ବିଜୟୀ ହୋଇ ମକ୍କାରେ ପ୍ରବେଶ କଲେ ଏବଂ ସାରା ସହର ଆପଣଙ୍କ ଅଧିନରେ ଥିଲା ଆପଣ ସ:ଆ:ସ ଙ୍କର ପ୍ରଥମ ଘୋଷଣା ଏହା ଥିଲା ଯେ ଆଜି ସେହି ଲୋକମାନଙ୍କ ଠାରୁ କୌଣସି ପ୍ରତିଶୋଧ ନିଆଯିବନାହିଁ, ଯେଉଁମାନେ ବିଗତ ବର୍ଷ ଗୁଡିକରେ ମୁସଲ୍‌ମାନଙ୍କ ଉପରେ ଅତ୍ୟାଚାର କରିଥିଲେ । ଏହି ମହାନ୍ ବିଜୟ ଅବସରରେ ଆଁ ହଜ୍‌ରତ୍ ସ:ଆ:ସ ମହାନ୍ ବିନମ୍ରତା ଓ ଧୈର୍ଯ୍ୟ ଦେଖାଇ ଘୋଷଣା କଲେ ଯେ ଇସ୍‌ଲାମ୍‌ର ଶାନ୍ତିପ୍ରିୟ ଶିକ୍ଷା ଅନୁସାରେ ସେ ଲୋକମାନଙ୍କୁ ଯଥାଶିଘ୍ର କ୍ଷମା କରାଯାଉଛି ଯେଉଁମାନେ ମୁସଲ୍‌ମାନଙ୍କୁ ଦୁଃଖ ପହଂଚାଇଥିଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏ ବିଷୟ ଯାହା ମୁଁ ବର୍ତମାନ ବର୍ଣ୍ଣନା କଲି ଏ ଦୃଷ୍ଟିରୁ ମୋତେ ପୁର୍ଣ୍ଣ ବିଶ୍ୱାସ ଅଛି ଏବଂ ମୋର ଏହି ପ୍ରାର୍ଥନା ଯେ ଅନ୍ୟମାନଙ୍କର କଥା ଶୁଣି ଇସ୍‌ଲାମ୍ ବିଷୟରେ ଶିଘ୍ର ଏପରି ଫଇସଲା ନ କରନ୍ତୁ ଯେ ଇସ୍‌ଲାମ୍ ହେଉଛି ଜୁଲୁମ୍ ଏବଂ ଅତ୍ୟାଚାରର ଧର୍ମ । ଲୋକେ ବାସ୍ତବିକତାକୁ ସମ୍ମୁଖରେ ରଖି ନିଜ ବୁଦ୍ଧି ଓ ବିବେକକୁ ବ୍ୟବହାର କରି ଇମାନ୍‌ଦାରୀର ସହିତ ଚିନ୍ତା କରିବେ ଯେ ଇସ୍‌ଲାମ୍ ଅସଲରେ କାହାକୁ ପ୍ରତିଫଳନ କରୁଅଛି ତେବେ ଯାଇ ସେମାନେ ବୁଝିପାରିବେ ଯେ ବିଗତ ବର୍ଷ ଗୁଡିକରେ ଇସ୍‌ଲାମ୍ ନାମରେ ଯେଉଁ ଘୃଣ୍ୟ କର୍ମ କରାଯାଇଛି ଇସ୍‌ଲାମ୍‌ର ଅସଲ ଶିକ୍ଷା ସହିତ ତାର କୌଣସି ସମ୍ପର୍କ ନାହିଁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏହା ବହୁତ ଅନୁଚିତ୍ ଅଟେ ଯେ ଇସ୍‌ଲାମ୍ ବା ଅନ୍ୟ କୌଣସି ଧର୍ମକୁ ଏପରି ଲୋକମାନଙ୍କର କୁକର୍ମ ଓ ପାପ କରିବା ଦ୍ୱାରା ଆରୋପ ଲଗାଯାଉ ଯେଉଁମାନେ ନିଜ ଧର୍ମର ଅସଲ ଶିକ୍ଷାର ବିପରୀତ ଚାଲୁଛନ୍ତି । ଏ ଦୁନିଆରେ ଅଧିକ ହତିଆର୍ ଯେଉଁ ଦେଶ ତିଆରି କରୁଛି ସେ ଦେଶ ଗୁଡିକ ମୁଳତଃ ଇସାଇ ଦେଶ ଏବଂ ସେହି ହତିଆର୍ ଗୁଡିକ ସେହି ଦେଶମାନେ ବିଭିନ୍ନ ଅଂଚଳରେ ନିରୀହ ଲୋକମାନଙ୍କୁ ହତ୍ୟା କରିବା ନିମନ୍ତେ ଓ ଲଢ଼ାଇ ଝଗଡ଼ାକୁ ସୃଷ୍ଟି କରିବା ପାଇଁ ବ୍ୟବହାର କରୁଛନ୍ତି । ତେବେ କଣ ଏହା ଠିକ୍ ହେବ ଯେ ଇସାଇୟତ୍ (Christianism) ଏହି ଭୟାନକ ହତିଆର୍‌ର ସୃଷ୍ଟି କରିବାର ଦାୟୀ ହେବ ବୋଲି ? କଦାପି ନୁହେଁ ! ସେହିପରି ମୁଁ ଏହା ମଧ୍ୟ ମାନୁନାହିଁ ଯେ ଦୁନିଆରେ ବ୍ୟାପିଯାଇଥିବା ଫସାଦ୍ ପାଇଁ କେବଳ ମୁସଲ୍‌ମାନ ମାନେ ହିଁ ଦାୟୀ । ସେଥିଯୋଗୁଁ ମୋତେ ଅନୁମତି ଦିଆଯାଉ ମୁଁ ଏ ବିଷୟରେ ଆଉ କିଛି ସ୍ପଷ୍ଟୀକରଣ ଦେଇପାରିବି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଆମେ ସମସ୍ତ ବିଂଶ ଶତାବ୍ଦୀରେ ହୋଇଥିବା ଦୁଇଟି ବିଶ୍ୱଯୁଦ୍ଧର ଭୟାବହତାକୁ ଦେଖିସାରିଛୁ । ଯେଉଁଥିରେ ଲକ୍ଷ୍ୟ ଲକ୍ଷ୍ୟ ମନୁଷ୍ୟ ନିଃଶେଷ ହୋଇଯାଇଥିଲେ ଏବଂ ଅଗଣତି ଲୋକଙ୍କର ଜୀବନ ନଷ୍ଟ ହୋଇଯାଇଥିଲା । ଏହି ବିଶ୍ୱଯୁଦ୍ଧଗୁଡିକ ମନୁଷ୍ୟ ଇତିହାସ୍‌ର ଏକ କଳାଯୁଗ ଅଟେ ଏବଂ ଏହା ବହୁତ ଦୁଃଖର କଥା ଯେ ଦୁନିଆ ନିଜର ଅତୀତରୁ କିଛି ଶିଖିପାରିଲା ନାହିଁ । ଏବେ ମନୁଷ୍ୟ ପୁନର୍ବାର ଏ ଭୟାନକ ଘାଟି ଉପରେ ଛିଡ଼ା ହୋଇଛି । ଶାନ୍ତି ପାଇଁ ଆପୋଶ ବୁଝାମଣା ଏବଂ ଏକ ଆରେକକୁ ସମ୍ମାନ ଦେଇ ଏ ବିଷୟକୁ ସମାଧାନ କରିବା ବ୍ୟତୀତ ସାଂସାରିକ ଶକ୍ତିମାନେ ଡ଼ରାଇବା ଓ ଧମକାଇବାର ମାର୍ଗକୁ ବାଛିନେଇଛନ୍ତି ଏବଂ ଏପରି ହତିଆର ତିଆରି କରୁଛନ୍ତି ଯାହା ସଂସାରକୁ କେତେଥର ବିନାଶ କରିଦେବ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନ ବିରୁଦ୍ଧରେ ଆମେରିକାର ଆଟମ୍‌ବମ୍ ବ୍ୟବହାର କରିବା ଦ୍ୱାରା ଏପରି ଭୟାବହ ଓ ଧ୍ୱଂସକୁ ଦେଖିବା ପରେ ମଧ୍ୟ ଆମେରିକା ସହିତ ଦୁନିଆର ବହୁତ ଗୁଡିଏ ଦେଶ କିଛି ବୁଝା ସୁଝା ନକରି ପ୍ରଥମରୁ ଅଧିକ ଶକ୍ତିଶାଳୀ ବୋମା ତିଆରି କରିବାରେ ଲାଗିପଡ଼ିଛନ୍ତି ଓ ଅତ୍ୟନ୍ତ ଭୟାବୟ ଫଳ ଆଡ଼କୁ ଅଗ୍ରସର ହେଉଛନ୍ତି । ଏହି ୯ ଗୋଟି ଦେଶମାନଙ୍କ ଭିତରୁ ଯେଉଁମାନେ ଆଟମ୍ ବମ୍ ତିଆରି କରିସାରିଛନ୍ତି କେବଳ ପାକିସ୍ତାନ ହେଉଛି ମୁସଲ୍‌ମାନ ଦେଶ । ତେଣୁ ଏହା କୁହାଯାଇପାରିବ ନାହିଁ ଯେ ମୁସଲ୍‌ମାନ୍

ମାନେ ହିଁ ଏହି ବିପଦପୂର୍ଣ୍ଣ ହତିଆରର ମୁଖ୍ୟସ୍ଥଳୀ ଅଟେ ବାଲି । ଏହା ମଧ୍ୟ ମୁଁ ପ୍ରଥମରୁ ବର୍ଣ୍ଣନା କରିସାରିଛି ଯେ ମୁସଲ୍‌ମାନ ଦେଶଗୁଡ଼ିକରେ ଥିବା ହତିଆର୍ ଗୁଡ଼ିକ ମଧ୍ୟରୁ ଅଧିକାଂଶ ହେଉଛି ସେଗୁଡ଼ିକ ଯାହାକୁ ଅଣ ମୁସଲିମ୍ ଦେଶଗୁଡ଼ିକ ପ୍ରସ୍ତୁତ କରିଛନ୍ତି । ତେଣୁ ସ୍ୱତଃପ୍ରୃତ ଭାବେ ଏ ପ୍ରଶ୍ନ ମନରେ ଉଠେ ଯେ ଗୋଟିଏ ପଟେ ତ ଅଣମୁସ୍‌ଲିମ୍ ଦେଶଗୁଡ଼ିକ ମୁସଲ୍‌ମାନ ଦେଶଗୁଡ଼ିକରେ ଶାନ୍ତିସ୍ଥାପନ କରିବା ପାଇଁ ଚେଷ୍ଟା କରୁଛନ୍ତି ଏବଂ ଅନ୍ୟପଟେ ଏହି ଦେଶଗୁଡ଼ିକରେ ଯୁଦ୍ଧର ନିଆଁକୁ ପ୍ରସାର କରିବା ପାଇଁ ନିଜେ ହିଁ ପବନ ବୁହାଉଛନ୍ତି ।...

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ବିଗତ ୭୦ ବର୍ଷରୁ ଅଧିକ ହେବ ଶାନ୍ତି ପ୍ରତିଷ୍ଠା ପାଇଁ ଯଥାଚିତ ଚେଷ୍ଟା କରିବା ପରିବର୍ତ୍ତେ ଡରାଇବା ଧମକାଇବାର ପଲିସିକୁ ଗ୍ରହଣ କରାଯାଉଛି । ସେଥିପାଇଁ ଶାନ୍ତି ପ୍ରତିଷ୍ଠା ନିମନ୍ତେ ପୂର୍ବଠାରୁ ଅଧିକା ବିପଦପୂର୍ଣ୍ଣ ହତିଆର ପ୍ରସ୍ତୁତ କରାଯାଇଛି । ଦାବି ଯାହା କରାଯାଉ କିନ୍ତୁ ବାସ୍ତବିକତା ଏହା ଅଟେ ଯେ ଏହିପରି ପଦକ୍ଷେପ ନେବାଦ୍ୱାରା କଦାପି ଅଧିକ ସମୟ ପର୍ଯ୍ୟନ୍ତ ଶାନ୍ତି ସ୍ଥାପନ କରାଯାଇପାରିବ ନାହିଁ । ସମ୍ଭବତଃ କୌଣସି ଦି ଯଦି କିଏ ଗୋଟିଏ ବଟନ୍‌କୁ ଦବାଇ ଦେବ ତେବେ ତାହା ଦ୍ୱାରା ଏପରି ଧ୍ୱଂସ ଦେଖିବାକୁ ପଡ଼ିବ ଯାହା ପ୍ରଥମରୁ କେବେ ଦେଖାଯାଇନଥିଲା । ତେଣୁ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଏହି ତଥା କଥିତ ମାର୍ଗକୁ ଆପଣେଇବା ପରିବର୍ତ୍ତେ ଆମେ ଅହେମଦୀ ମୁସଲ୍‌ମାନ ମାନେ ଏ ବିଶ୍ୱାସ ରଖିଛୁ ଯେ ଶାନ୍ତି ପ୍ରତିଷ୍ଠା ପାଇଁ ଏବେ ଗୋଟିଏ ହିଁ ମାର୍ଗ ଉନ୍ମୁକ୍ତ ଅଛି ତାହା ହେଉଛି ଅଲ୍ଲାଃତାଲାଙ୍କ ଆଡ଼କୁ ଆସିବାର ମାର୍ଗ । ଏବେ ସେ ସମୟ ଆସିଯାଇଛି ଯେ ମନୁଷ୍ୟ ନିଜର ସୃଷ୍ଟିକର୍ତ୍ତାକୁ ଚିହ୍ନୁ ଏବଂ ଅଲ୍ଲାଃତାଲା ହିଁ ସମଗ୍ର ସଂସାରର ପାଳନକର୍ତ୍ତା ବୋଲି ମାନିନେଉ ଯିଏ ଆମର ଲାଳନପାଳନ ପାଇଁ ପ୍ରତ୍ୟେକ ଜିନିଷକୁ ସୃଷ୍ଟି କରିଛି ତାର କରୁଣା ଆମ ଉପରେ ଅଗଣତି । କଣ ଏହା ବଦଳରେ ଆମ ଉପରେ ଏହା ଧାର୍ଯ୍ୟ ନୁହେଁ ଯେ ଆମେ ତା ସମ୍ମୁଖରେ ନଇଁବା ଏବଂ ସାନିଧ୍ୟ ହାସଲ କରିବା ପାଇଁ ଚେଷ୍ଟା କରିବା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଯେପର୍ଯ୍ୟନ୍ତ ଦୁନିଆର ଉନ୍ନତି ଭୌତିକ ସମ୍ପଦ ଓ ଶକ୍ତି ଦେଖାଇବା ଦ୍ୱାରା ହେବ ବୋଲି ଭାବିବା ତେବେ ଆମେ କଦାପି ଦୁନିଆରେ ପ୍ରକୃତ ଶାନ୍ତି ଦେଖିପାରିବା ନାହିଁ । ନିଶ୍ଚିତ ରୂପେ ଏହା ହେଉଛି ସେହି ଲୋଭ ଯିଏ ନିଜର ଲାଭ ପାଇଁ ଅନ୍ୟମାନଙ୍କର ଅଧିକାରକୁ ଦବାଇ ଦେବାପାଇଁ ପ୍ରବର୍ତ୍ତାଉଛି । ସେଥିଯୋଗୁଁ ସାରା ସଂସାରରେ ଘୃଣାଭାବ ସୃଷ୍ଟି ହେଉଛି । ଏ କିଛି ଦିନ ତଳେ ଜଣେ ବୟସ୍କ ଆମେରିକିୟ ରାଜନିତୀଜ୍ଞ କହିଲେ ଯେ ଦାଏଶ୍ ର ଶିରିୟାରୁ ସମ୍ପୂର୍ଣ୍ଣ ରୂପେ ବିଲୋପ ହେବା ଆମେରିକା ପାଇଁ କଦାପି ଲାଭଜନକ ହେବନାହିଁ ବରଂ ଏହି ସନ୍ତ୍ରାସବାଦ ଗୋଷ୍ଠୀଙ୍କ ଏ ସ୍ଥାନରେ ଅଳ୍ପ ବହୁତ ରହିଯିବା ଦ୍ୱାରା ପାଶ୍ଚାତ୍ୟ ଦେଶକୁ ଲାଭ ଦେବ । ଏପରି କଥା କୌଣସି ଜ୍ଞାନୀ ଓ ଶାନ୍ତିପ୍ରିୟ ଲୋକ ବୁଝିପାରିବ ନାହିଁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଗୋଟିଏ ପଟେ ତ ପାଶ୍ଚାତ୍ୟ ଦେଶଗୁଡ଼ିକ ମୁସଲ୍‌ମାନ ଦେଶଗୁଡ଼ିକ ଠାରୁ ଏହା ଆଶା କରୁଛି ଯେ ସବୁପ୍ରକାର ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଶେଷ ହୋଇଯାଉ ଓ ଶାନ୍ତିପ୍ରତିଷ୍ଠା ହେଉ କିନ୍ତୁ ଅନ୍ୟପଟେ ସେମାନଙ୍କ ମଧ୍ୟରୁ କିଛି ଏପରି ଲୋକ ଅଛନ୍ତି ଯେଉଁମାନେ ଏକଥାରେ ଡରୁଛନ୍ତି ମୁସଲ୍‌ମାନ୍ ଦେଶଗୁଡ଼ିକରେ ଶାନ୍ତି ପ୍ରତିଷ୍ଠା ହୋଇଗଲେ ସେମାନଙ୍କର ଶକ୍ତି ଓ ପ୍ରଭୁତ୍ୱ କମ୍ ହୋଇଯିବ । ଏହିପରି ପଲିସି ସଂସାରବାସୀକୁ ଅସ୍ୱସ୍ତିକର ପରିସ୍ଥିତି ଆଡ଼କୁ ଟାଣିନେଉଛି । ଯେପରି ମୁଁ କହିଛି ଯେ ପାଶ୍ଚାତ୍ୟ ଦେଶ ଏବଂ ହତିଆର ନିର୍ମାଣ କରୁଥିବା ଦେଶଗୁଡ଼ିକ ନିଜର ଲାଭ ପାଇଁ ଏପରି କରୁଛନ୍ତି । ସେଥିଯୋଗୁଁ ସେମାନେ ମୁସଲ୍‌ମାନ୍ ଦେଶଗୁଡ଼ିକରେ କିଛିଟା ଲଢ଼େଇ ଝଗଡ଼ା ବାକି ରଖିବାକୁ ଚାହୁଁଛନ୍ତି । ଏହିପରି ପଲିସି ଦ୍ୱାରା ଦୁନିଆର ଶାନ୍ତି ଅଶାନ୍ତିରେ ପରିଣତ ହୋଇଯିବ । ଏହାର ବିପରୀତ ଇସ୍‌ଲାମୀୟ ଶିକ୍ଷା ସମାଜର ପ୍ରତିକ୍ଷେତ୍ରରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଚେଷ୍ଟା କରିଥାଏ । ଆମର ଧର୍ମ ଏହାକୁ ସ୍ୱଷ୍ଟ ରୂପେ ବତେଇ ଦେଇଛି ଯେ ବାସ୍ତବିକ ନ୍ୟାୟ ହିଁ ଶାନ୍ତିର ସୁତ୍ରଧର । ନ୍ୟାୟ ଓ ସମାନତା ବିନା ଶାନ୍ତି ପ୍ରତିଷ୍ଠା ହୋଇପାରିବ ନାହିଁ । ଇସ୍‌ଲାମ୍ ତ ଏହା ମଧ୍ୟ କହିଦେଇଛି ଯେ ନ୍ୟାୟ ଏବଂ ଇନ୍‌ସାଫ୍ ଏବଂ ସତ୍ୟକୁ କାଏମ୍ ରଖିବା ପାଇଁ କୌଣସି ଜାତି ବା କୌଣସି ବ୍ୟକ୍ତିକୁ ନିଜ ବିରୋଧରେ ମଧ୍ୟ ସାକ୍ଷୀ ଦେବାପାଇଁ ସର୍ବଦା ପ୍ରସ୍ତୁତ ରହିବା ଉଚିତ୍ । ତେଣୁ ସମ୍ପୂର୍ଣ୍ଣ ଶାନ୍ତି ପ୍ରତିଷ୍ଠା ହୋଇପାରିବ ନାହିଁ ନା ଘରେ, ନା କସ୍‌ବାରେ, ନା ସହରରେ, ନା ଦେଶରେ, ନା ବିଶ୍ୱରେ ଯେପର୍ଯ୍ୟନ୍ତ ନ୍ୟାୟ ପ୍ରତିଷ୍ଠା ନହୋଇଯାଇଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଯେଉଁ ଲୋକମାନେ ଏ ଆରୋପ ଲଗାଉଛନ୍ତି ଯେ ଇସ୍‌ଲାମ୍‌ର ପ୍ରାରମ୍ଭିକ ସମୟରେ କାହିଁକି ଯୁଦ୍ଧ କରାଯାଇଥିଲା ସେ ବିଷୟରେ ମୁଁ ସଂକ୍ଷିପ୍ତରେ ବର୍ଣ୍ଣନା କରୁଛି ଯେ ପବିତ୍ର କୋରାନ୍‌ର ସୁରା ହଜ୍‌ର ଆୟତ ନଂ-୪୦-୪୧ ରେ ବର୍ଣ୍ଣନା ହୋଇଛି ଅଲ୍ଲାଃତାଲା ପ୍ରାରମ୍ଭିକ ମୁସଲ୍‌ମାନମାନଙ୍କୁ କେବଳ ପ୍ରତିରକ୍ଷା ପାଇଁ ଯୁଦ୍ଧ କରିବାର ଅନୁମତି ଦେଇଥିଲେ । ତତ୍‌ସହିତ ଏହି ଆୟତ ଏହା ମଧ୍ୟ ସ୍ୱଷ୍ଟ କରୁଛି ଯେ ଏହି ଅନୁମତି ଏଥିଯୋଗୁଁ ଦିଆଯାଇନଥିଲା ଯେ ସେମାନ ଇଲାକା ଉପରେ କବ୍‌ଜା କରି ବିଜୟ ହାସଲ୍ କରିବେ ବରଂ ଅଲ୍ଲାଃତାଲା ଏଥିପାଇଁ ଅନୁମତି ଦେଇଥିଲେ ଯେ ଏହା ଦ୍ୱାରା ଫସାଦ ଏବଂ ଅତ୍ୟାଚାରକୁ ଶେଷ କରିଦିଆଯାଇପାରିବ ଏବଂ ସବୁବେଳପାଇଁ  ବିଶ୍ୱାସ କରିବାର ସ୍ୱାଧୀନତାକୁ ବିଶ୍ୱବ୍ୟାପି ଓସୁଲ୍ ରୂପେ ପ୍ରତିଷ୍ଠା କରାଯାଇପାରିବ । ତେଣୁ ଆୟତ ନଂ-୪୧ ରେ ଅଛି ଯେ ମୁସଲ୍‌ମାନ୍‌ମାନଙ୍କୁ ପ୍ରତିରକ୍ଷା ଯୁଦ୍ଧ କରିବା ପାଇଁ ଅନୁମତି ଦେବା ପୂର୍ବରୁ ଏ ହୁକୁମ୍ ଦିଆଗଲା ଯେ  ସେମାନେ ଉପାସନା ପୀଠ, ଗିର୍ଜା, ମନ୍ଦିର୍ ଏବଂ ସମସ୍ତ ଧାର୍ମିକ ଉପାସନା ସ୍ଥଳୀଗୁଡ଼ିକର ସୁରକ୍ଷା କରିବେ । ପୁଣି ସୁରା ବକ୍‌ରାର ଆୟତ ନଂ-୧୨୪ ରେ ସମ୍ପୂର୍ଣ୍ଣ ରୂପେ ସ୍ୱଷ୍ଟ କରିଦିଆଗଲା ଯେ ଯେଉଁଠି ପ୍ରତିରକ୍ଷା ଯୁଦ୍ଧର ଅନୁମତି ଦିଆଯାଇଛି ସେଠାରେ ଏହା ମଧ୍ୟ ଧ୍ୟାନ ରଖାଯାଉ ଯେ ଏହି ଯୁଦ୍ଧ ଏକ କାରଣ ପର୍ଯ୍ୟନ୍ତ ସୀମିତ ରହିବ ଏବଂ ଏହାର ଉଦ୍ଦେଶ୍ୟ ସବୁବେଳେ ଜୁଲମ୍ ଏବଂ ଅତ୍ୟାଚାରକୁ ଶେଷ କରିବା ପାଇଁ ହେବ । ଯେତେବେଳେ ଏହି ସର୍ତ୍ତଗୁଡ଼ିକ ପୁରଣ ହୋଇଯିବ ଏବଂ ଲୋକମାନେ ଶାନ୍ତିରେ ବସବାସ କରିବା ଆରମ୍ଭ କରିଦେବେ ସେହିକ୍ଷଣି ଯୁଦ୍ଧକୁ ବନ୍ଦ୍ କରିଦିଆଯିବ । ଏହି ଆୟତ୍‌ରେ ଏହା ମଧ୍ୟ କୁହାଯାଇଛି ଯେ ଯୁଦ୍ଧ ସମୟ ଭିତରେ କେବଳ ଆକ୍ରମଣକାରୀଙ୍କୁ ହିଁ ଟାର୍ଗେଟ୍ କରାଯାଉ ବା ତାଙ୍କୁ ବନ୍ଦୀ କରାଯାଉ । ନିରୀହ ଲୋକମାନଙ୍କର ସୁରକ୍ଷାକୁ ନିଶ୍ଚିତ କରାଯାଉ । ଯୁଦ୍ଧ ସମୟରେ ବାକି ସମ୍ପତି ଗୁଡ଼ିକ ଉପରେ ଏବଂ ଅନ୍ୟାନ୍ୟ ଜିନିଷ ଗୁଡ଼ିକୁ କ୍ଷତି ପହଂଚାଇବା ପାଇଁ କୌଣସି ରାସ୍ତା ନାହିଁ । କିନ୍ତୁ ଦୁର୍ଭାଗ୍ୟ ବସତଃ ଆଜିକାଲି ର ଯୁଦ୍ଧରେ ଆମେ ଏହା ଦେଖୁଅଛୁ । ଇସ୍‌ଲାମ୍‌ରେ ଯେଉଁଠି ଶକ୍ତିକୁ ବ୍ୟବହାର କରିବାପାଇଁ ଅନୁମତି ଦିଆଯାଇଛି ତାହା କେବଳ ଅତ୍ୟାଚାରୀର ହାତକୁ ରୋକିବା ପାଇଁ କରାଯାଇଛି । କେବେ କୌଣସି ଇଲାକାକୁ ବିଜୟ କରିବା ପାଇଁ ବା ଜିତିବା ପାଇଁ ଅନୁମତି ଦିଆଯାଇନାହିଁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଇସ୍‌ଲାମ୍ ଅନ୍ୟକୁ ଭଡ଼କାଇବା ପାଇଁ ବା ଫିତ୍‌ନା ଫସାଦ୍  କରିବାର ବିଷୟକୁ ବହୁତ ଗୁରୁତ୍ୱର ସହିତ ନେଇଥାଏ । ସେଥିଯୋଗୁଁ ପବିତ୍ର କୋରାନ୍‌ରେ ଆସିଛି ଯେ ଯେଉଁଲୋକ ଫିତ୍‌ନା ଫସାଦ୍ କରେ ବା ଅନ୍ୟ କୌମ୍‌ରେ ଘୃଣାର ମଞ୍ଜି ରୋପଣ କରେ ତାହା ହତ୍ୟା କରିବାଠାରୁ ମଧ୍ୟ ଅଧିକ ଅପରାଧ ଅଟେ । ସତ୍ୟ ହେଉଛି ଏହା ଯେ ଇସ୍‌ଲାମୀୟ ଶିକ୍ଷା ଲୋକମାନଙ୍କ ମଧ୍ୟରେ ଘୃଣାଭାବକୁ ଦୂରକରି ସମାଜରେ ପ୍ରେମ, ଶାନ୍ତି ଓ ସୌହାର୍ଦ୍ଧ୍ୟ ପ୍ରତିଷ୍ଠା କରିଥାଏ । ହଜ୍‌ରତ୍ ମହମ୍ମଦ୍ ସ:ଆ:ସ କହିଛନ୍ତି ଯେ ସେ ହେଉଛି ସଚ୍ଚା ମୁସଲ୍‌ମାନ ଯାହାଙ୍କ ହାତ ଓ ମୁହଁ ଦ୍ୱାରା ଅନ୍ୟମାନେ ସୁରକ୍ଷିତ ଅଛନ୍ତି । ଅର୍ଥାତ୍-ବିନା କାରଣରେ ଅନ୍ୟକୁ ଦୁଃଖ ଓ କଷ୍ଟ ପହଂଚାଇବା ତାହା କେତେ କମ୍ ହୋଇଥିଲେ ମଧ୍ୟ ପାପ ଅଟେ ଏବଂ ଏହା ଇସ୍‌ଲାମୀୟ ଶିକ୍ଷାର ଖିଲାଫ୍ ଅଟେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଶେଷରେ ମୁଁ ପୁନର୍ବାର ଏ କଥାକୁ ଦୋହରାଇବି ଯେ ଇସ୍‌ଲାମ୍‌ର ଶିକ୍ଷାଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ଶାନ୍ତିପୁର୍ଣ୍ଣ ଅଟେ ଏବଂ ଜୀବନର ପ୍ରତ୍ୟେକ ବିଭାଗ ସହିତ ସମ୍ପର୍କ ରଖୁଥିବା ଲୋକମାନଙ୍କ ପାଇଁ ସୁରକ୍ଷା କବଚ ଅଟେ । ତେଣୁ ସଚ୍ଚା ଇସ୍‌ଲାମ୍ ଠାରୁ ଭୟଭୀତ ହେବାର କଦାପି କୌଣସି ଆବଶ୍ୟକତା ନାହିଁ । ତେଣୁ ମୁଁ ଆଶା କରୁଛି ଯେ ଆପଣମାନେ ମୋ ସହିତ ସହମତ ହେବେ କି ଯେଉଁ ଲୋକମାନେ ଇସ୍‌ଲାମ୍‌କୁ କଠୋରପନ୍ଥୀ ଏବଂ ଏକ ଅତ୍ୟାଚାରୀ ଧର୍ମ ରୂପେ ଉପସ୍ଥାପନ କରୁଛନ୍ତି ସେମାନେ ନିଜେ ବହୁତ ବଡ଼ ଅନ୍ୟାୟ କରୁଛନ୍ତି । ଏହି ଶବ୍ଦ ସହିତ ମୁଁ ଆପଣମାନଙ୍କୁ ଧନ୍ୟବାଦ ଦେଉଛି ଯେ ଆପଣମାନେ ସମୟ ବାହାର କରି ଆମ ଜଲ୍‌ସା ସାଲାନାରେ ସାମିଲ୍ ହେଲେ ଏବଂ ମୋ କଥାଗୁଡ଼ିକ ଶୁଣିଲେ । ଅଲ୍ଲାଃତାଲା ଆପଣଙ୍କ ଉପରେ ତାର କୃପା ଓ କରୁଣାକୁ ଅବତୀର୍ଣ୍ଣ କରନ୍ତୁ ଆମିନ୍ ।

ଶେଷରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଆମର ପରମ୍ପରା ଅନୁଯାୟୀ ଆମେ ପ୍ରୋଗ୍ରାମ୍‌ର ଶେଷରେ ଦୁଆ କରିଥାଉ । ଏବେ ମୁଁ ଦୁଆ କରାଇବି । ଯେଉଁମାନେ ମୋ ସହିତ ସାମିଲ୍ ହେବାକୁ ଚାହୁଁଛନ୍ତି ସେମାନେ ସାମିଲ୍ ହୋଇଯାଆନ୍ତୁ ନଚେତ୍ ନିଜ ନିଜର ପ୍ରଥା ଅନୁଯାୟୀ ଦୁଆ କରିପାରିବେ ।

**ଜର୍ମାନୀ ମିଡ଼ିଆ ସହିତ**
**ହଜୁର୍ ଅନୁଓ୍ୱର୍‌ଙ୍କର ସାକ୍ଷାତ୍‌କାର**

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ଉକ୍ତ ଭାଷଣ ୪:୪୫ ରେ ଶେଷ ହେଲା । ଏହାପରେ ଆପଣ ନିଜର ଦଫ୍‌ତରକୁ ଆସିଲେ ଯେଉଁଠାରେ ପ୍ରୋଗ୍ରାମ୍ ମୁତାବକ ଜର୍ମାନୀର ବିଖ୍ୟାତ ଖବର କାଗଜ Suddeutsche Zeitung (SZ) ର ସାମ୍ବାଦିକ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍‌କାର୍ ନେଲେ ।

ସାମ୍ବାଦିକ ଜଣକ ପ୍ରଥମ ପ୍ରଶ୍ନ କଲେ ଯେ ଆପଣ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ରଖୁଛନ୍ତି । ଏହାର ଅର୍ଥ କଣ ? ଏଥିରେ

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ନିଶ୍ଚିତ ରୂପେ ମୁଁ ଖୁଦାତାଲାଙ୍କ ଉପରେ ବିଶ୍ୱାସ ରଖୁଛି ଏହାର ଅର୍ଥ ହେଉଛି ଯେ ମୁଁ ଏପରି ଏକ ଖୁଦାଙ୍କ ଉପରେ ବିଶ୍ୱାସ ରଖୁଛି ଯିଏ ଏହି ବିଶ୍ୱର ସୃଷ୍ଟିକର୍ତା, ଯିଏ ମୋ ପ୍ରାର୍ଥନାକୁ ଶୁଣୁଛି । ଏବଂ ସେହି ଖୁଦା ମୋର ପ୍ରାର୍ଥନା ଗୁଡିକୁ ଗ୍ରହଣ କରିବାରେ ମୁଁ ଅନୁଭବ କରୁଛି । ମୁଁ ସେହି ଖୁଦାକୁ ଦେଖିସାରିଛି । ଶାରିରୀକ ନୁହେଁ ବରଂ ମୁଁ ନିଜ ଖୁଦାଙ୍କୁ ଦୁଆର ଗ୍ରହଣୀୟ ହେବା ଦ୍ୱାରା ଚିହ୍ନିଛି ।

ସେହି ଜର୍ନାଲିଷ୍ଟ ଜଣକ ପୁଣି ପ୍ରଶ୍ନ କଲେ ଆପଣ ଯେଉଁ ଖୁଦାଙ୍କ ଉପରେ ବିଶ୍ୱାସ ଆଣୁଛନ୍ତି ତାଙ୍କ ଭିତରେ ଓ ଅନ୍ୟମାନଙ୍କ ଖୁଦାଙ୍କ ଉପରେ କିଛି ପ୍ରଭେଦ ଅଛି କି ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଖୁଦା ତ କେବଳ ଏକ ଅଟନ୍ତି । ଯିଏ ସମଗ୍ର ବିଶ୍ୱର ପାଳନକର୍ତା । ସେହି ଏକ ଖୁଦା ବିଭିନ୍ନ କୌମ୍‌ରେ ଅବତାରମାନଙ୍କୁ ପ୍ରେରଣ କରିଛନ୍ତି ଏବଂ ଆମର ଏହି ବିଶ୍ୱାସ ଅଛି ଯେ ପ୍ରତ୍ୟେକ କୌମ୍‌ରେ ଜଣେ ଜଣେ ନବୀ ଆସିଛନ୍ତି ଯେଉଁମାନେ ଖୁଦାତାଲାଙ୍କ ତରଫରୁ ଆସିଛନ୍ତି । ଏହି ନବୀମାନେ ନିଜ ନିଜ ସମୟରେ ଆସିଛନ୍ତି ଏବଂ ମନୁଷ୍ୟ ଜାତିର ଉନ୍ନତି ପାଇଁ ଆସିଛନ୍ତି ।

ଏହାପରେ ସାମ୍ବାଦିକ ଜଣକ ପ୍ରଶ୍ନ କଲେ ଯେ ଯେବେ ଖଲିଫାର ଶବ୍ଦ ସାମନାକୁ ଆସେ ସେତେବେଳେ ଲୋକମାନଙ୍କ ମନରେ ପୁରୁଣା ଯୁଗର ଭାବନା ଆସିଥାଏ ବା ଦାଏଶ୍ ର ଭାବନା ଆସିଥାଏ । ଏ ବିଷୟରେ ଆପଣଙ୍କର ମତ କଣ ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଖଲିଫା ହେଉଛି ଆରବୀ ଭାଷାର ଶବ୍ଦ । ଯାହାର ଅର୍ଥ ହେଉଛି-ଯାନେଶିନ୍ (ଉତରାଧିକାରୀ) । ତେଣୁ ଖିଲାଫତ୍ ଉତରାଧିକାରୀକୁ କୁହାଯାଏ ଏବଂ ଏହି ଶବ୍ଦ ଇସ୍‌ଲାମ୍‌ରେ ମଧ୍ୟ ବ୍ୟବହାର କରାଯାଏ । ଏତଦ୍‌ଭିନ୍ନ ଏହା ମୁଁ କହି ରଖେ ଯେ କ୍ୟାଥୋଲିକ୍ ପୋପ୍ ମଧ୍ୟ ହଜ୍‌ରତ୍ ଇସା ଆ:ସଙ୍କ ଖଲିଫା ବୋଲି ବିବେଚନା କରାଯାଇଥାଏ ।

ସାମ୍ବାଦିକ ପଚାରିଲେ ଯେ ଆପଣ ଖିଲାଫତ୍ ଦ୍ୱାରା କଣ ହାସଲ କରିବାକୁ ଚାହୁଁଛନ୍ତି ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଅହେମଦୀୟ ସିଲ୍‌ସିଲାର ପ୍ରତିଷ୍ଠାତା କହୁଛନ୍ତି ଯେ ମୁଁ ଦୁଇଗୋଟି ଉଦ୍ଦେଶ୍ୟ ନେଇ ଆସିଅଛି । ପ୍ରଥମଟି ହେଉଛି ମନୁଷ୍ୟମାନଙ୍କ ଭିତରେ ଅଲ୍ଲାଃଙ୍କର ହକ୍‌କୁ ପ୍ରଦାନ କରିବାର ଅନୁଭବ କରାଇବି ଏବଂ ଦ୍ୱିତୀୟଟି ହେଉଛି ହୁକୁକୁଲ୍ ଇବାଦ୍ ଅର୍ଥାତ୍ ଲୋକମାନଙ୍କର ଅଧିକାରକୁ ପ୍ରଦାନ କରାଇବା ପାଇଁ ଅନୁଭବ କରାଇବା । ଯେହେତୁ ଖଲିଫା ମସିହ୍ ମଉଦ୍ ଏବଂ ମେହ୍‌ଦୀ ମାହୁଦ୍ ଆ:ସ ଙ୍କ ଉତରାଧିକାରୀ ଅଟନ୍ତି ସେଥିଯୋଗୁଁ ଖଲିଫାଙ୍କର ମଧ୍ୟ ହେଉଛି ସେହି କାମ ଓ ସେ ମଧ୍ୟ ସେହି ଉଦ୍ଦେଶ୍ୟକୁ ହାସଲ କରିବାକୁ ଚାହୁଁଛନ୍ତି ।

ଏହାପରେ ସାମ୍ବାଦିକ ଜଣକ ପଚାରିଲେ ଜର୍ମାନୀର ନିର୍ବାଚନ ଆଉ କିଛି ସପ୍ତାହ ବାକି ଅଛି । ଏ ସମୟରେ ରିଫିଉଜି, ଇସ୍‌ଲାମ୍ ଏବଂ ମାଇଗ୍ରେସନ୍ ର ସମସ୍ୟାଗୁଡିକ ଅଛି । ବହୁତ ଅହେମଦୀ ମଧ୍ୟ ଏଠି ଜର୍ମାନୀରେ ରିଫିଉଜି ହିସାବରେ ଆସିଛନ୍ତି । ବର୍ତମାନ ବହୁତ ଭଲରେ ଇଂଟିଗ୍ରେଟ୍ ହୋଇଯାଇଛନ୍ତି । ଆପଣ ଜର୍ମାନୀର ରାଜନୈତିଜ୍ଞ ମାନଙ୍କୁ କଣ ଉପଦେଶ ଦେବାକୁ ଚାହିଁବେ ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଜର୍ମାନୀ ସରକାର ଓ ଜର୍ମାନୀର ଲୋକମାନେ ସମସ୍ତେ ହେଉଛନ୍ତି ଖୋଲା ହୃଦୟର । ସେଥିଯୋଗୁଁ ଜର୍ମାନୀ ସରକାର ବହୁ ସଂଖ୍ୟାରେ ଶରଣାର୍ଥୀମାନଙ୍କୁ ନିଜ ଦେଶରେ ରଖିବା ପାଇଁ ଚେଷ୍ଟା କରୁଅଛି । ଯଦି ସବୁ ଶରଣାର୍ଥୀମାନେ ସେମାନେ ଆରବୀୟ ହୁଅନ୍ତୁ ବା ପାକିସ୍ତାନ୍‌ର ଅହେମଦୀ ହୁଅନ୍ତୁ, ଯଦି ନିଜର ପ୍ରତିଶୃତିକୁ ରକ୍ଷା କରୁଥିବେ ଅର୍ଥାତ୍ ସେମାନେ ଦେଶର କାନୁନ୍ ବ୍ୟବସ୍ଥାକୁ ଅନୁସରଣ କରୁଥିବେ ଏବଂ ଏହି କୌମ୍‌ର ଅଂଶ ହେବାକୁ ଚାହୁଁଥିବେ ତେବେ ପୁଣି ଏହି ଶରଣାର୍ଥୀମାନଙ୍କ ଠାରୁ କୌଣସି ପ୍ରକାର ଭୟ ରଖିବା ଉଚିତ୍ ନୁହେଁ । ଯଦି ସେମାନେ କୌଣସି ଖରାପ କାର୍ଯ୍ୟ କରୁଥିବେ ତେବେ ସଜାଗ ରହିବା ଆବଶ୍ୟକ । ଯେଉଁଠି ଆମ ଅହେମଦୀମାନଙ୍କର କଥା ସେଠି ଆମେ ସବୁବେଳେ ଦେଶର କାନୁନ୍ ଅନୁସାରେ ପରିଚାଳିତ ହେବା ପାଇଁ ଚେଷ୍ଟା କରିଥାଉ ଏବଂ ଯଥାସମ୍ଭବ ଏହି ସମାଜରେ ଇଂଟିଗ୍ରେଟ୍ ହେବାପାଇଁ ଚେଷ୍ଟା କରିଥାଉ ।

ସାମ୍ବାଦିକ ଜଣକ ପ୍ରଶ୍ନ କଲେ ଯେ ବର୍ତମାନ ଯେଉଁ ଶରଣାର୍ଥୀମାନେ ଜର୍ମାନୀକୁ ଆସୁଛନ୍ତି ଆପଣ ସେମାନଙ୍କୁ କିଛି ଉପଦେଶ ଦେବାକୁ ଚାହଁବେ କି ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଏହି ଉପଦେଶ ଦେବାକୁ ଚାହିଁବି ଯେ ମୁଁ ଆମ ଅହେମଦୀମାନଙ୍କୁ ମଧ୍ୟ ଏହା ଦେଇଥାଏ ଯେ ସେମାନଙ୍କୁ ଦରକାର ଯେ ସେମାନେ କାନୁନ୍‌ର ସମ୍ପୂର୍ଣ୍ଣ ରୂପେ ଅନୁସରଣ କରନ୍ତୁ । ନିଜର ସବୁ ପ୍ରକାର ସାମର୍ଥ୍ୟ ଓ ଶକ୍ତିକୁ ଦେଶର ଉନ୍ନତି ନିମନ୍ତେ ବ୍ୟବହାର କରନ୍ତୁ । ସେ ଲୋକମାନଙ୍କର ଧ୍ୟାନ ରଖନ୍ତୁ ଯେଉଁମାନେ ଏହି ଶରଣାର୍ଥୀମାନଙ୍କୁ ନିଜ ଦେଶରେ ରହିବା ପାଇଁ ମୌକା ଦେଇଛନ୍ତି । ସେହିପରି ଏହି ଦେଶ ଓ ଏହି ଦେଶର ଲୋକମାନଙ୍କର ଯଥା ସମ୍ଭବ ସେବା କରିବା ପାଇଁ ଚେଷ୍ଟା କରନ୍ତୁ । ସାମାଜିକ ଅନୁଦାନ ନେବା ପରିବର୍ତେ ପରିଶ୍ରମ କରନ୍ତୁ ଓ ଦେଶର ନିର୍ମାଣରେ ଭାଗିଦାରୀ ହୁଅନ୍ତୁ ।

ସାମ୍ବାଦିକ ଜଣକ ପଚାରିଲେ ଯେ ଜର୍ମାନୀରେ ୟୁହୁଦୀ ମଧ୍ୟ ବସବାସ କରୁଛନ୍ତି । ଯେତେବେଳେ ଶରଣାର୍ଥୀମାନଙ୍କର ଆଗମନ ଆରମ୍ଭ ହେଲା ଏହା ଉପରେ ବହୁତ ତର୍କ ହେଲା ଯେ ୟୁହୁଦୀ ମାନଙ୍କୁ ବହୁତ ଭଲ ରୂପେ ଜଣା ଯେ ଶରଣାର୍ଥୀ ହେବାର ଅର୍ଥ କଣ । ଅନ୍ୟପଟେ ଏ କଥାରେ ମଧ୍ୟ ଭୟ ଅଛି ଯେ ମୁସଲ୍‌ମାନ୍ ମାନଙ୍କର ଗୋଟିଏ ବଡ଼ ସଂଖ୍ୟା ଦେଶ ଭିତରକୁ ଆସୁଅଛି । ତେଣୁ ମୁସଲ୍‌ମାନ୍ ଏବଂ ୟୁହୁଦୀମାନଙ୍କ ଭିତରେ ଉତେଜନା ର ବିପଦ ରହିଛି ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଯେଉଁମାନେ ଉତେଜନା ସୃଷ୍ଟି କରିବାକୁ ଚାହୁଁଛନ୍ତି କାନୁନ୍ ତାଙ୍କ ବିଷୟରେ କଠୋର ପଦକ୍ଷେପ ନେବ । ସଜାଗ ରିହବାର ଆବଶ୍ୟକ ଅଛି କିନ୍ତୁ ଏହି ଶରଣାର୍ଥୀ ମାନଙ୍କଠାରୁ କୌଣସି ପ୍ରକାର ଭୟ ରଖିବା ଉଚିତ୍ ନୁହେଁ ।

ସାମ୍ବାଦିକ ଜଣକ କହିଲେ ଅହେମଦୀ ଏବଂ ଅନ୍ୟ ମୁସଲ୍‌ମାନ ମାନଙ୍କ ଭିତରେ ମଧ୍ୟ ଉତେଜନା ଅଛି । ତେଣୁ ଏ ପ୍ରସଙ୍ଗରେ ଆପଣଙ୍କୁ କୌଣସି ଭୟ ବା ଡ଼ର ନାହିଁ ? ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯଦି ମୁସଲ୍‌ମାନ ଶରଣାର୍ଥୀମାନେ ଦେଶର କାନୁନ୍ ବ୍ୟବସ୍ଥାକୁ ସମ୍ମାନ କରିବେ ତେବେ ମୋତେ କୌଣସି ପ୍ରକାର ଭୟ ରହିବ ନାହିଁ ଏବଂ ଏହା ସରକାରଙ୍କର ଦାୟିତ୍ୱ ଅଟେ ଯେ ସେ କାନୁନ୍ ବ୍ୟବସ୍ଥା ଉପରେ ଲୋକମାନଙ୍କୁ ଅମଳ କରନ୍ତୁ ।

ଏଥିରେ ସାମ୍ବାଦିକ ଜଣକ କହିଲେ କାନୁନ୍ ଉପରେ ଅମଳ କରାଇବା ବେଳେବେଳେ ଅସମ୍ଭବ ହୋଇଯାଏ ।

ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏହାର ଅର୍ଥ ଏହା ନୁହେଁ । କିଛି ଜର୍ମାନୀ ଲୋକମାନଙ୍କ ମଧ୍ୟରୁ ତ ଅଛନ୍ତି ଯେଉଁମାନେ ମୁସଲ୍‌ମାନ ବରଂ ଅହେମଦୀମାନଙ୍କର ମଧ୍ୟ ବିରୋଧି ଅଟନ୍ତି । ଆମର କାମ କେବଳ ହେଉଛି ତବ୍‌ଲିଗ୍ କରିବା । ସେଥିଯୋଗୁଁ ଯେତେବେଳେ ଆମେ ପ୍ରେମ, ସ୍ନେହ, ଶାନ୍ତି ଏବଂ ସମାନତାର ବାର୍ତା ଦେଉଅଛେ ସେତେବେଳେ ଲୋକମାନେ ଏହା ଅନୁଭବ କରୁଛନ୍ତି ଓ ଏହାକୁ ବୁଝୁଛନ୍ତି । ପବିତ୍ର କୋରାନ୍‌ର ଶିକ୍ଷା ମଧ୍ୟ ହେଉଛି ଏହା ଯେ ଯଦି ଆପଣମାନେ ପ୍ରେମ, ସ୍ନେହ ଓ ଭାଇଚାରା ସହିତ ରହିବେ ଏବଂ ଅନ୍ୟମାନଙ୍କ ସହିତ ପ୍ରେମପୂର୍ଣ୍ଣ କଥା ହେବେ ତେବେ ଆପଣଙ୍କର ଶତୃ ମଧ୍ୟ ନିକଟତର ବନ୍ଧୁ ପାଲଟିଯିବେ ।

ଏଥିରେ ସାମ୍ବାଦିକ ଜଣକ କହିଲେ ଯେ ଏହାତ ଗୋଟିଏ ଥିଓରୀ । କାର୍ଯ୍ୟରେ ଏପରି ହୁଏନାହିଁ ।

ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଏହା କୌଣସି ଥିଓରୀ ନୁହେଁ । ଆମ୍ଭେ ଏହାକୁ ତଜୁର୍ବା କରିସାରିଛୁ । ଆପଣମାନଙ୍କ ପାଇଁ ଏହ ଥିଓରୀ ହୋଇପାରେ କିନ୍ତୁ ମୋ ପାଇଁ ଏହା ଥିଓରୀ ନୁହେଁ ।

ସାମ୍ବାଦିକ ଜଣକ କହିଲେ ଆପଣଙ୍କୁ ଆପଣଙ୍କ ଜୀବନ ପାଇଁ କୌଣସି ବିପଦ ନାହିଁ କି ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ମୋର କାମ ହେଉଛି ତବ୍‌ଲିଗ୍ କରିବା । ଯଦି ମୁଁ ଛୋଟିଆ ଛୋଟିଆ କଥା ଦ୍ୱାରା ଡରିଯିବି ତେବେ ପୁଣି ମୁଁ ତବ୍‌ଲିଗ୍‌ର କାମ କରିପାରିବି ନାହିଁ । ମୋ ଜୀବନ ପ୍ରତି ଯେତେ ବିପଦ ଥାଉନା କାହିଁ ମୋତେ ତ ତବ୍‌ଲିଗ୍ କରିବାକୁ ହେବ । ପ୍ରଥମେ ମୁଁ ପାକିସ୍ତାନରେ ଥିଲି । ସେଠାରେ ମୋ ଜୀବନ ୟୁ.କେ ଅପେକ୍ଷା ଅଧିକ ବିପଦପୂର୍ଣ୍ଣ ଥିଲା କାରଣ ସେଠାରେ ଦେଶର କାନୁନ୍ ମଧ୍ୟ ଖଳଲୋକଙ୍କୁ ସାହାଯ୍ୟ କରୁଛି । ସେମାନେ ଅହେମଦୀଙ୍କ ବିରୋଧରେ ଯାହା ଚାହୁଁଛନ୍ତି ତାହା କରୁଛନ୍ତି ।

ସାମ୍ବାଦିକ ଜଣ ପ୍ରଶ୍ନ କଲେ ଯେ ଲୋକମାନେ ଯେତେବେଳେ ଇସ୍‌ଲାମ ବିଷୟରେ କଥା ହେଉଛନ୍ତି ଯେ ଇସ୍‌ଲାମ୍‌ର ଗୋଟିଏ ଗୋଷ୍ଠୀ ନୁହେଁ ବରଂ ଇସ୍‌ଲାମ୍‌ରେ ବହୁତ ଗୋଷ୍ଠୀ ଅଛି ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଲୋକେ ଯାହା ପାଇଲେ ତାହା କୁହନ୍ତୁ ନା କାହିଁକି ବାସ୍ତବତା ଏହା ହେଉଛି ଯେ ଇସ୍‌ଲାମ୍ ଏକ ଅଟେ । ହଁ ଯେପରି ଇସାଇମାନଙ୍କର ବିଭିନ୍ନ ଫିର୍‌କା ଅଛନ୍ତି ସେହିପରି ଇସ୍‌ଲାମ୍ ଭିତରେ ମଧ୍ୟ ବହୁତ ଫିର୍‌କା ଅଛି କିନ୍ତୁ ସବୁ ଫିର୍‌କା ମାନଙ୍କର ଗୋଟିଏ ପବିତ୍ର ପୁସ୍ତକ ଏବଂ ସମସ୍ତଙ୍କର ବିଶ୍ୱାସ ଏହା ଯେ ରସୁଲେ କରିମ୍ ସ:ଆ:ସ ଖୁଦାତାଲାଙ୍କର ନବୀ ଅଟନ୍ତି । ତେଣୁ ସମସ୍ତ ଫିର୍‌କା ଏ କଥାରେ ବିଶ୍ୱାସ ରଖନ୍ତି ଯେ ଏକଖୁଦା ଅଟନ୍ତି ଏବଂ ଗୋଟିଏ ନବୀ ଅଟନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏଥିରେ କୌଣସି ଶଙ୍କା ନାହିଁ ଯେ ଇସ୍‌ଲାମ୍‌ରେ ବହୁତ ଫିର୍‌କା ଅଛନ୍ତି । କିନ୍ତୁ ଏ ବିଷୟରେ ମଧ୍ୟ ରସୁଲେ କରିମ୍ ସ:ଆ:ସ ପେଶ୍‌ଗୋଇ କରିଥିଲେ ଯେ ଗୋଟିଏ ସମୟ ଏପରି

ଆସିବ ଯେତେବେଳେ ଇସ୍‌ଲାମ୍‌ରେ ବହୁତ ଫିର୍‌କା ସୃଷ୍ଟି ହୋଇଯିବ ଏବଂ ସେହି ସମୟରେ ଜଣେ ବ୍ୟକ୍ତିଙ୍କର ଆବିର୍ଭାବ ହେବ ଯିଏ ମସିହ୍ ମଉଦ୍ ଓ ମେହ୍‌ଦୀ ମାହୁଦ୍ ବୋଲାଇବେ ଏବଂ ଏହି ବ୍ୟକ୍ତିଜଣକ ସମସ୍ତ ମୁସଲ୍‌ମାନ୍ ଉମ୍ମତ୍ ବରଂ ସାରା ଦୁନିଆକୁ ଗୋଟିଏ ହାତରେ ଏକତ୍ରିତ କରିବେ ଏବଂ ଇସ୍‌ଲାମ୍‌ର ଅସଲ ବାର୍ତ୍ତାକୁ ପ୍ରସାର କରିବେ । ସୁତରାଂ ଏହା ହେଉଛି ତବ୍‌ଲିଗ୍‌ର କାର୍ଯ୍ୟ ଯାହାକୁ ଆମେ ବିଗତ ୧୨୫ ବର୍ଷରୁ ଅଧିକ ବର୍ଷ ହେବ କରୁଅଛୁ ।

ଇଂଟରଭ୍ୟୁର ଶେଷରେ ସାମ୍ବାଦିକ ଜଣକ ହଜୁର୍ ଅନୁଓ୍ୱର୍‌ଙ୍କୁ ଧନ୍ୟବାଦ ଅର୍ପଣ କଲେ । ଏବଂ ଏହି ଇଂଟରଭ୍ୟୁ ୫:୦୫ ପର୍ଯ୍ୟନ୍ତ ଜାରି ରହିଥିଲା ।

ଏହାପରେ Frankfurter Allgemeine Zeitung (FAZ) ର ଜର୍ନାଲିଷ୍ଟ ଏବଂ ରେଡ଼ିଓ ଚ୍ୟାନେଲ୍ Duetschlandfunk ର ଜର୍ନାଲିଷ୍ଟ ହଜୁର୍ ଅନୁଓ୍ୱର୍‌ଙ୍କର ସାକ୍ଷାତ୍‌କାର୍ ନେଲେ ।

ରେଡ଼ିଓ ଚ୍ୟାନେଲ୍‌ର ପ୍ରତିନିଧି ସାମ୍ବାଦିକ ଜଣକ ପ୍ରଶ୍ନ କଲେ ଯେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଭାଷଣରେ so called muslims ର ପରିଭାଷା ବ୍ୟବହାର କରିଥିଲେ । ଏଥିରେ ଆପଣଙ୍କର କଣ ଉଦ୍ଦେଶ୍ୟ ଥିଲା ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ so called muslims (ତଥାକଥିତ ମୁସଲ୍‌ମାନ୍) ର କହିବା ଅର୍ଥ ହେଉଛି ସେହି ମୁସଲ୍‌ମାନ ମାନେ ଯେଉଁମାନେ ପବିତ୍ର କୋରାନ୍‌ର ଅସଲ ଶିକ୍ଷା ଉପରେ ଅମଲ କରୁନାହାଁନ୍ତି ଏବଂ ରସୁଲ୍ କରିମ୍ ସ:ଆ:ସ ଙ୍କ ସୁନ୍ନତ ଉପରେ ଅମଲ କରୁନାହାଁନ୍ତି । ସେମାନେ ମୁସଲ୍‌ମାନ୍ ହେବାର ଦାବି ତ କରୁଛନ୍ତି କିନ୍ତୁ ଅସଲରେ ସେମାନେ ମୁସଲ୍‌ମାନ ନୁହଁନ୍ତି । ସେଥିଯୋଗୁଁ ମୁଁ କହିଥିଲି ଯେ ସେମାନେ ତଥାକଥିତ ମୁସଲ୍‌ମାନ ବୋଲି । ସେମାନେ ଏହାସବୁ ଇସ୍‌ଲାମ୍ ନାଁରେ କରୁଛନ୍ତି । ଇସ୍‌ଲାମୀୟ ଶିକ୍ଷା ତ ଶାନ୍ତିର ଶିକ୍ଷା ଅଟେ । ତେଣୁ ସେ ଲୋକମାନେ ଯେଉଁ ଘୃଣାକୁ ପ୍ରସାର କରୁଛନ୍ତି ଏବଂ ଅତ୍ୟାଚାର କରିଚାଲିଛନ୍ତି, ପୁଣି ନିଜକୁ ମୁସଲ୍‌ମାନ୍ ବୋଲାଉଛନ୍ତି । ସେମାନଙ୍କ ବିଷୟରେ ମୁଁ ତ ଏହା କହିବି ଯେ ସେମାନେ ପ୍ରକୃତରେ ମୁସଲ୍‌ମାନ ନୁହଁନ୍ତି ବରଂ ତଥାକଥିତ ମୁସଲ୍‌ମାନ ଅଟନ୍ତି କାରଣ ସେମାନେ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷାକୁ ଜାଣିନାହାଁନ୍ତି ।

ସାମ୍ବାଦିକ ଜଣକ ପୁଣି ପ୍ରଶ୍ନ କଲେ ଯେ କଣ ଏହି ତଥାକଥିତ ବୁସଲ୍‌ମାନ ମାନେ ଇସ୍‌ଲାମ୍ ପାଇଁ ବିପଦ ଅଟନ୍ତି ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଏହା ତ ରସୁଲେ କରିମ୍ ସ:ଆ:ସ ଭବିଷ୍ୟବାଣୀ କରିଥିଲେ ଯେ ଶେଷ ଯୁଗରେ ମୁସଲ୍‌ମାନମାନଙ୍କ ଅବସ୍ଥା ଏପରି ହୋଇଯିବ ଯେ ତାଙ୍କ ପାଖରେ କେବଳ ନାମ ଛଡ଼ା ଆଉ କିଛି ବାକି ରହିବ ନାହିଁ ଓ ସେ ସମୟରେ ଜଣେ ସୁଧାରକ ଆସିବେ ଯିଏ ଇସ୍‌ଲାମ୍‌ର ପୈଗମ୍ବର୍ ରସୁଲେ କରିମ୍ ସ:ଆ:ସଙ୍କ ବାସ୍ତବିକ ଆଜ୍ଞାକାରୀ ହେବେ ଏବଂ ସେ ବରୋଜି ନବୀ ହେବାର ଦାବୀ କରିବେ । ତାଙ୍କୁ ମସିହ୍ ଏବଂ ମେହ୍‌ଦୀର ପଦବୀ ଦିଆଯିବ । ସେ ଇସ୍‌ଲାମର ପ୍ରକୃତ ଶିକ୍ଷାକୁ ପ୍ରସାର କରିବେ ଯାହାକୁ ସେ ସମୟର ଓ୍ୱଲେମାମାନେ ଏବଂ ସ୍କଲାର୍‌ମାନେ ଭୁଲିଯାଇଥିବେ । ତେଣୁ ଆମ୍ଭେ ଏହା ବିଶ୍ୱାସ ରଖୁଛୁ ଯେ ଯମାତ୍ ଅହେମଦୀୟା ମୁସ୍‌ଲିମାର ପ୍ରତିଷ୍ଠାତା ହେଉଛନ୍ତି ସେହି ସୁଧାରକ ଯାହାଙ୍କ ବିଷୟରେ ରସୁଲେ କରିମ୍ ସ:ଆ:ସ ଭବିଷ୍ୟବାଣୀ କରିଥିଲେ । ରସୁଲେ କରିମ୍ ସ:ଆ:ସ ତାଙ୍କ ଆଗମନ ବିଷୟରେ କିଛି ଚିହ୍ନ (ନିଦର୍ଶନ) ମଧ୍ୟ ବର୍ଣ୍ଣନା କରିଥିଲେ ଯାହା ସବୁ ପୁରଣ ହୋଇସାରିଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ସୁତରାଂ ଆମେ ଆମର ତବ୍‌ଲିଗ୍ କାମକୁ ଜାରି ରଖିଛୁ । ଲୋକମାନଙ୍କ ଭିତରୁ ବହୁତ ବଡ଼ ସଂଖ୍ୟାରେ ଏପରି ଲୋକଥିଲେ ଯାହାଙ୍କ ମନରେ ଭୁଲ୍ ଦୃଷ୍ଟିକୋଣ ଭରିରହିଥିଲା ଓ ସେମାନେ ଇସ୍‌ଲାମ୍‌କୁ ଠିକ୍ ରୂପେ ବୁଝିନଥିଲେ । କାରଣ ଓ୍ୱଲେମା ଓ ସ୍କଲାର୍‌ମାନେ ସେମାନଙ୍କୁ ଭୁଲ୍ ମାର୍ଗ ଦର୍ଶନ ଦେଇଥିଲେ । ଯେତେବେଳେ ସେମାନଙ୍କ ପାଖରେ ଆମର ବାର୍ତ୍ତା ପହଂଚିଲା (ସେମାନଙ୍କ ଭିତରେ ଆରବୀୟ ଏବଂ ଉମ୍ମତେ ମୁସଲିମାର ଅନ୍ୟ ଜାତିର ଲୋକମାନେ ମଧ୍ୟ ସାମିଲ୍ ଅଟନ୍ତି) ସେତେବେଳେ ସେମାନେ ଆମର ବାର୍ତ୍ତାକୁ ବୁଝିଲେ । ସେମାନଙ୍କ ମଧ୍ୟରୁ କିଛି ଲୋକ ଆମ ସହିତ କଥାବାର୍ତ୍ତା କରି ଓ ଯୁକ୍ତି ଇତ୍ୟାଦି କରି ନିଜର ପୁରୁଣା ଦୃଷ୍ଟିକୋଣକୁ ଛାଡ଼ିଦେଲେ ଏବଂ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷାକୁ ବୁଝି ଅହେମଦୀୟତ୍‌ରେ ସାମିଲ୍ ହୋଇଗଲେ । ଯଦିଚ ବହୁତ ଲୋକେ ନିଜ ନିଜର ବିଶ୍ୱାସରେ କାଏମ୍ ଅଛନ୍ତି କିନ୍ତୁ ଲୋକମାନଙ୍କ ଭିତରୁ ବହୁତ ସଂଖ୍ୟା ଏପରି ଅଛି ଯେଉଁମାନେ ଏହି ବାର୍ତ୍ତାକୁ ବୁଝିଲେ ଓ ତାକୁ ଗ୍ରହଣ କଲେ ।

ଏହାପରେ ଫାଜ୍ ଖବର କାଗଜର ମହିଳା ସାମ୍ବାଦିକା ପ୍ରଶ୍ନ କଲେ ଯେ ଯେପରି ହଜୁର୍ ଅନୁଓ୍ୱର୍ ବର୍ତ୍ତମାନ କହିଲେ କି କିଛି ସନ୍ତ୍ରାସବାଦୀ ଅଛନ୍ତି ଯେଉଁମାନେ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା ଉପରେ ଅମଳ କରୁନାହାଁନ୍ତି । ଉଦାହରଣ ସ୍ୱରୁପ- ଦାଏଶ୍ । ସେମାନଙ୍କ ଭିତରେ ଖିଲାଫତ୍ ଅଛି ଏବଂ ସେମାନଙ୍କ ନିଜର ଇଲାକା ମଧ୍ୟ ଅଛି । ଆପଣ ମଧ୍ୟ ଖଲିଫା କିନ୍ତୁ ଆପଣଙ୍କ ପାଖରେ କୌଣସି ଦେଶ ନାହିଁ । କଣ ଆପଣଙ୍କର ଖିଲାଫତ୍ ଦାଏଶ୍‌ର ଖିଲାଫତ୍‌ର ବିପରୀତ ଅଟେ ? ଏବଂ ଏହା ବତାଇବା ପାଇଁ ଯେ ଖିଲାଫତ୍ ନିମନ୍ତେ କୌଣସି ଦେଶର ଆବଶ୍ୟକତା ନାହିଁ ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ପ୍ରତ୍ୟେକ ଜିନିଷ ପାଇଁ କିଛି ନା କିଛି ଅସୁଲ୍ ବା ଯୁକ୍ତି ଥାଏ । ଖିଲାଫତ୍ ତ ଉତରାଧିକାରୀକୁ କୁହାଯାଏ । ଯେପରି ମୁଁ ପ୍ରଥମେ କହିସାରିଛି ଯେ ରସୁଲେ କରିମ୍ ସ:ଆ:ସଙ୍କର ଗୋଟିଏ ଲମ୍ବା ହଦିସ୍ ଅଛି ଯେଉଁଥିରେ ଆପଣ ସ:ଆ:ସ କହିଛନ୍ତି କି ଶେଷ ଯୁଗରେ ଆପଣ ସ:ଆ:ସ ଙ୍କ ଜଣେ ବାସ୍ତବିକ ଅନୁଗାମୀ ଆସିବେ ଯିଏ ମସିହ୍ ଏବଂ ମେହ୍‌ଦୀ ହେବାର ଦାବୀ କରିବେ । ଆପଣ ସ:ଆ:ସ ଏହାର କିଛି ଚିହ୍ନ ମଧ୍ୟ ବର୍ଣ୍ଣନା କରିଛନ୍ତି ଏବଂ ମୁସଲ୍‌ମାନ୍‌ମାନଙ୍କୁ କହିଛନ୍ତି ଯେ ଯେତେବେଳେ ତୁମେମାନେ ତାଙ୍କ ସହିତ (ମସହ୍ ମଉଦ୍ ସହିତ) ମିଶିବ ତେବେ ତାଙ୍କୁ ମୋର ସଲାମ୍ ପହଂଚାଇବ । ଏହି ହଦିସ୍‌ରେ ରସୁଲେ କରିମ୍ ସ:ଆ:ସ ଏହା ମଧ୍ୟ କହିଛନ୍ତି ଯେ ଆପଣ ସ:ଆ:ସ ଙ୍କ କିଛି ଦିନ ପରେ ପ୍ରକୃତ ଖିଲାଫତ୍ ଶେଷ ହୋଇଯିବ । ଆଜି ଆମେ ଦେଖିପାରୁଛୁ ଯେ ଏକହଜାର ବର୍ଷଠାରୁ ମଧ୍ୟ ଅଧିକା ସମୟ ବିତିଗଲାଣି ଯେଉଁ ଅବଧିରେ ପ୍ରକୃତ ଖିଲାଫତ୍ ଆସିନାହିଁ । କିଛି ବିଶେଷ ସମୟରେ ଖିଲାଫତ୍ ପ୍ରତିଷ୍ଠା ତ ହେଲା କିନ୍ତୁ ଏହା ଚାଲିପାରିଲା ନାହିଁ । ଶେଷ ଖିଲାଫତ ତୁର୍କିରେ ଥିଲା । ତାହା ବିଂଶ ଶତାବ୍ଦିରେ ହିଁ ଶେଷ ହୋଇଯାଇଥିଲା । ସୁତରାଂ ଏ ବିଷୟ ମଧ୍ୟ ରସୁଲେ କରିମ୍ ସ:ଆ:ସ ଙ୍କ ହଦିସ୍‌ରୁ ବର୍ଣ୍ଣନା କରାଯାଇଛି ଯେ ଶେଷ ଯୁଗରେ ଯେତେବେଳେ ମୁସ୍‌ଲେହ ଆସିବେ ତେବେ ତା ପରେ ଖିଲାଫତ୍ କାଏମ୍ ହେବ ଯାହା ହକିକି ଖିଲାଫତ୍ ହେବ । ତେଣୁ ଆମର ଏ ବିଶ୍ୱାସ ଯେ ସେ ବ୍ୟକ୍ତି ଆସିସାରିଛନ୍ତି ଏବଂ ରସୁଲେ କରିମ୍ ସ:ଆ:ସ କିଛି ସାଂସାରିକ ଏବଂ କିଛି ଆକାଶୀୟ ଚିହ୍ନ ବର୍ଣ୍ଣନା କରିଛନ୍ତି ତାହା ମଧ୍ୟ ପୁରଣ ହୋଇସାରିଛି । ଯଦି ମୁଁ ଏହି ସବୁ କଥାକୁ ବର୍ଣ୍ଣନା କରିବି ତେବେ ବହୁତ ସମୟ ଲାଗିଯିବ । ସଂକ୍ଷେପରେ ଏହା କହିବାକୁ ଚାହୁଛି ଯେ ଖିଲାଫତ୍ ସେ ସମୟରେ ସୃଷ୍ଟି ହୋଇଥାଏ ଯେବେ କୌଣସି ନବୀ ଆସିଥାନ୍ତି । ଯମାତ୍ ଅହେମଦୀୟା ମୁସ୍‌ଲିମାର ପ୍ରତିଷ୍ଠାତାଙ୍କ ପଦବୀ ମଧ୍ୟ ନବୀର ପଦବୀ ଅଟେ । କିନ୍ତୁ ସେ ବରୋଜି ନବୀ ଅଟନ୍ତି । ତାଙ୍କ ପରେ ଖିଲାଫତ୍‌ର ସିଲ୍‌ସିଲା ଆରମ୍ଭ ହେଲା । ସେଥିଯୋଗୁଁ କୁହାଯାଏ ଯେ ଯମାତ୍ ଅହେମଦୀୟାର ଖିଲାଫତ୍ ହେଉଛି ବାସ୍ତବିକ୍ ଖିଲାଫତ୍ । ବିଗତ ୧୦୯ ବର୍ଷ ହେବ ଏହି ଖିଲାଫତ୍ ଜାରି ରହିଥିଲା । ଏବଂ ଏହା ସବୁବେଳେ ଜାରି ରହିବ । କାରଣ ରସୁଲେ କରିମ୍ ସ:ଆ:ସ ଏହାର ମଧ୍ୟ ପେଶ୍‌ଗୋଇ କରିଥିଲେ ଯେ ସେହି ବ୍ୟକ୍ତିଙ୍କ ଆସିବା ପରେ ଯେଉଁ ଖିଲାଫତ୍ ଆରମ୍ଭ ହେବ ତାର ସିଲ୍‌ସିଲା କୟାମତ୍ ପର୍ଯ୍ୟନ୍ତ ଜାରି ରହିବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଯଦି ଆମେ ଦାଏଶ୍‌ର ଖିଲାଫତ୍ ଆଡ଼କୁ ଦେଖିବା ତେବେ ସେମାନେ ଏପର୍ଯ୍ୟନ୍ତ କଣ ହାସଲ କରିଛନ୍ତି, ତାଙ୍କ ଖଲିଫାଙ୍କର କଣ ହେଲା, ତାଙ୍କ ବିଷୟରେ କୁହାଯାଉଛି ଯେ ତାଙ୍କୁ ହତ୍ୟା କରିଦିଆଯାଇସାରିଛି । ଏବଂ ଯେଉଁଠି ଇଲାକାର କଥା ଅଛି ତେବେ ବର୍ତ୍ତମାନ ଏ ଇଲାକା ମଧ୍ୟ ତାଙ୍କ ପାଖରେ ଆଉ ନାହିଁ ଏବଂ ପୁଣି ଦାଏଶ୍‌ର ଖଲିଫା ଯାହାକିଛି କରୁଥିଲା ତାହା ଲୁଚି କରି କରୁଥିଲା । ଲୋକମାନଙ୍କର ସମ୍ମୁଖକୁ କେବେ ଆସିନାହିଁ । ଇସ୍‌ଲାମ୍ ଭିତରେ କୌଣସି ବାସ୍ତବିକ ଖଲିଫା କେବେ ହେଲେବି ଲୁଚିକି ରହିନାହାନ୍ତି ଯେପରି ଦାଏଶ୍‌ର ଖଲିଫା ଲୁଚିକରି ଥିଲା । କୁହାଯାଉଛି ଯେ ସେ କେବଳ ଥରେ ମାତ୍ର ଲୋକମାନଙ୍କ ସାମନାକୁ ଆସିଥିଲା ଏବଂ ବର୍ତ୍ତମାନ ଏହା କୁହାଯାଉଛି ଯେ ସେ ମରିସାରିଛି । ତେବେ ତାର ଖିଲାଫତ୍ କୁଆଡ଼େ ଗଲା । ଅନ୍ୟପଟେ ଯମାତ୍ ଅହେମଦୀୟାର ଖିଲାଫତ୍ ଶାନ୍ତି, ପ୍ରେମ, ମୋହବତ୍ ଏବଂ ଭାଇଚାରାର ବାର୍ତ୍ତାକୁ ପ୍ରସାର କରି ଚାଲିଛି ଏବଂ ୧୦୯ ବର୍ଷ ପରେ ମଧ୍ୟ ବର୍ତ୍ତମାନ ଜିବୀତ ଅଛି ଓ ତତ୍‌ସହିତ ଯମାତ୍ ଅହେମଦୀୟାର ସଂଖ୍ୟା ମଧ୍ୟ ବଢ଼ିଚାଲିଛି । ଏହାର ବିପରୀତ ଦାଏଶ୍‌ର ଖଲିଫାକୁ ମାନୁଥିବା ଲୋକଙ୍କ ସଂଖ୍ୟା ପ୍ରଥମେ ତିନି ଚାରି ବର୍ଷ ବଢ଼ିବାକୁ ଲାଗିଲା । ତା ପରେ ତାର ଅନୁଯାୟୀମାନଙ୍କର ସଂଖ୍ୟା ବହୁତ କମ୍ ହୋଇଗଲା । ଯେତେବେଳେ ଦାଏଶ୍ ଆରମ୍ଭ ହୋଇଥିଲା, ମୋର ମନେ ହେଉଛି ୨୦୧୩ ମସିହାରେ ସ୍ୱିଡେନ୍‌ରେ ମୋତେ ଜଣେ ବ୍ୟକ୍ତି ପ୍ରଶ୍ନ କରିଥିଲେ ଯେ କଣ ଆପଣଙ୍କୁ ଏହି ଖିଲାଫତ୍ ଦ୍ୱାରା କୌଣସି ଭୟ ହେଉନାହିଁ ? ମୁଁ ତାଙ୍କୁ ଏହି ଉତର ଦେଇଥିଲି ଯେ ଦାଏଶ୍ ହେଉଛି ଆତଙ୍କବାଦୀମାନଙ୍କର ଗୋଟିଏ ଗୋଷ୍ଠୀ । ଯେଉଁମାନେ ନିଜ ହାତରେ ନିଜେ ମରିଯିବେ । ବର୍ତ୍ତମାନ ଆପଣମାନେ ନିଜେ ଦେଖି ନିଅନ୍ତୁ ଯେ ଦାଏଶ୍‌ର କଣ ଅବସ୍ଥା ହେଲା । ଯଦି ଆମେରିକା ଏବଂ ଅନ୍ୟ

ପାଶ୍ଚାତ୍ୟ ଶକ୍ତିମାନେ ଦାଏଶ୍‌କୁ ଯୁଦ୍ଧ ସାମଗ୍ରୀ ଯୋଗାଇନଦେବେ ତେବେ ସେ ନିଜେ ମରିଯିବ । ଅନ୍ୟପଟେ ଆମେ ପାଶ୍ଚାତ୍ୟ ଦେଶରୁ ତ କିଛି ନେଉନାହୁଁ । ଆମେ ତ ନିଜେ ତ୍ୟାଗ ଓ ବଳିଦାନ ଦେଇ ନିଜର ସଂସ୍ଥାକୁ ଚଳାଉଛୁ । ଆମ ଭିତରେ ତ୍ୟାଗର ଭାବନା ଅଛି, ଯାହା ଅନ୍ୟମାନଙ୍କ ପାଖରେ ନାହିଁ । ଦାଏଶ୍ ତ ଲୋକମାନଙ୍କୁ ନିଜ ସାଙ୍ଗରେ ରଖିବା ପାଇଁ ମାସକୁ ୩-୪ ହଜାର୍ ଡଲାର୍ ଦେଉଥିଲା । ଏହାର ବିପରୀତ ଆମେ ଲୋକମାନଙ୍କଠାରୁ ପଇସା ନେଉଅଛୁ । ଲୋକମାନଙ୍କ ପାଖରେ ଭଲ ଚାକିରି ଥାଉ ବା କୌଣସି ସାଧାରଣ ଚାକିରି କରିଥାନ୍ତୁ ସେମାନେ ସମସ୍ତେ ମାଲି କୁର୍‌ବାନୀ କରୁଛନ୍ତି । ସେମାନେ ନିଜ ରୋଜଗାରରୁ ଗୋଟିଏ ବିଶେଷ ଅର୍ଥ ଚାନ୍ଦା ଆକାରରେ ଦେଉଛନ୍ତି । ସୁତରାଂ ଏହା ହେଉଛି ହକିକି ଖିଲାଫତ୍ ଅର୍ଥାତ୍ ପ୍ରକୃତ ଖିଲାଫତ୍ ।

ଏହାପରେ ସାମ୍ବାଦିକ ଜଣକ କହିଲେ ଯେ ଏହି ମିଟିଂ ରେ ଆପଣ ଆମକୁ ଇସ୍‌ଲାମ୍‌ର ବହୁତ ସୁନ୍ଦର ବାର୍ତ୍ତା ଦେଲେ । ଆପଣ ଏହି ମିଟିଂ ମାଧ୍ୟମରେ ଜର୍ମାନୀ ଏବଂ ବାକି ଦେଶଗୁଡିକ କଣ ବାର୍ତ୍ତା ଦେବାକୁ ଚାହିଁବେ ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ମୁଁ ତ ମୋ ବାର୍ତ୍ତା ଦେଇସାରିଛି । ଏହି ବାର୍ତ୍ତା କଣ ଯଥେଷ୍ଟ ନୁହେଁ ?

ଏହାପରେ ଜଣେ ମହିଳା ସାମ୍ବାଦିକା ପ୍ରଶ୍ନ କଲେ ଯେ ଆପଣ ଯେଉଁ ଶାନ୍ତିପୁର୍ଣ୍ଣ ଇସ୍‌ଲାମ୍ ବିଷୟରେ ବତାଇଲେ ତାହା ଇସ୍‌ଲାମ୍‌ର ଅନ୍ୟ ଶାଖାଗୁଡ଼ିକ ଉପରେ କିପରି ପ୍ରଭାବ ପକାଇପାରିବ ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ପ୍ରତ୍ୟେକ ବର୍ଷ ଲକ୍ଷ୍ୟାଧିକ ସଂଖ୍ୟାରେ ଲୋକମାନେ ଆମ ଯମାତ୍‌ରେ ସାମିଲ୍ ହେଉଛନ୍ତି । ସେମାନଙ୍କ ଭିତରୁ ଅଧିକାଂଶ ମୁସଲ୍‌ମାନ ମାନଙ୍କ ମଧ୍ୟରୁ ଆସି ଆମ ଯମାତ୍‌ରେ ସାମିଲ୍ ହେଉଛନ୍ତି । ଯେଉଁ ମୁସଲ୍‌ମାନ ମାନେ ଆମ ଯମାତ୍‌ରେ ଆସି ସାମିଲ୍ ହେଉଛନ୍ତି ସେମାନଙ୍କୁ ଏ କଥା ଅନୁଭବ ହେଉଛି ଯେ ଏହା ହିଁ ପ୍ରକୃତ ଇସ୍‌ଲାମ୍ ଅଟେ ଯାହାକୁ ରସୁଲେ କରିମ୍ ସ:ଆ:ସ ନେଇଆସିଛନ୍ତି ଏବଂ ଯାହା ଉପରେ ରସୁଲେ କରିମ୍ ସ:ଆ:ସ ଅମଳ କରିଛନ୍ତି ଓ ଏହି ଇସ୍‌ଲାମ୍ ସଦାସର୍ବଦା ପାଇଁ ଜିବୀତ ରହିବ । ଯେପର ଆମର ସଂଖ୍ୟା ଲଗାତାର ବଢ଼ିଚାଲିଛି ସେଥିରୁ ଜଣାପଡୁଛି ଯେ ଏହି ଇସ୍‌ଲାମ୍ ସର୍ବଦା ଜୀବିତ ରହିବ । ଇନ୍‌ଶାଅଲ୍ଲାଃ ।

ଏହି ସାକ୍ଷାତ୍‌କାର୍ ୫:୨୦ ମିନିଟ୍ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁଓ୍ୱର୍ ନିଜର ଆବାସ ସ୍ଥଳୀକୁ ପ୍ରତ୍ୟାଗମନ କଲେ ।

**ଅତିଥିମାନଙ୍କ ସହିତ ସାକ୍ଷାତ୍‌କାର୍**

ଆଜି ପ୍ରୋଗ୍ରାମ୍ ମୁତାବକ ଲିଥୁଆନିଆ, ଅଲ୍‌ଜଜାଏର୍ ଏବଂ ଆରବ ଦେଶଗୁଡିକ ସହିତ ସମ୍ପର୍କ ରଖିଥିବା ଅତିଥିମାନଙ୍କ ସହିତ ସାକ୍ଷାତ୍‌କାର୍‌ର ପ୍ରୋଗ୍ରାମ୍ ଥିଲା । ଠିକ୍ ୮ ଟାରେ ହଜୁର୍ ଅନୁଓ୍ୱର୍ ଦଫ୍‌ତର୍ କୁ ଆସିଲେ ଏବଂ ସାକ୍ଷାତ୍‌କାର ପ୍ରୋଗ୍ରାମ୍ ଆରମ୍ଭ ହେଲା ।

ସର୍ବପ୍ରଥମେ ଅଲ୍‌ଜଜାଏର୍‌ରୁ ଆସିଥିବା ଜଣେ ଅତିଥି ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ବିଭିନ୍ନ ବିଷୟରେ କଥା ହେଲେ । ସେ ସାକ୍ଷାତ୍ କରିବା ଦ୍ୱାରା ଏତେ ପ୍ରଭାବିତ ହୋଇଗଲେ ଯେ ଶେଷରେ ଯେତେବେଳେ ହଜୁର୍‌ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ସେତେବେଳେ ନିଜର ପ୍ରେମ ଓ ଉତ୍ସର୍ଗକୁ ପ୍ରକାଶ କରି ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ପଗଡ଼ିକୁ ଚୁମା ଦେଲେ । ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ମୋର ଲୁହ ବହୁଦିନଠାରୁ ଶୁଖି ସାରିଥିଲା ଓ ଆଜି ଜୋହର୍ ନମାଜ୍ ପରେ ମୁଁ ମୋର ଭାବନାକୁ କାବୁ କରିପାରିଲି ନାହିଁ । ମୁଁ ବହୁତ ପ୍ରଭାବିତ ହୋଇଛି । ମୋତେ ନିଜର ଅର୍ଥାତ୍ ଆରବୀୟଙ୍କ ତରଫରୁ ବହୁତ ଅଲସୁଆମି ହେବାର ଅନୁଭବ ହୋଇଛି । ଯଦିଚ ଆମ ଅଲସୁଆମି ସମୟରେ ଆମର ଉର୍ଦ୍ଧ୍ୱ କହୁଥିବା ଭାଇମାନେ ଆଗକୁ ବଢ଼ିଗଲେ ଏବଂ ବହୁତ ଚେଷ୍ଟା କରି ପାଶ୍ଚାତ୍ୟ ଦେଶଗୁଡିକରେ ଇସ୍‌ଲାମ୍‌ର ପ୍ରଚାର କରିଚାଲିଛନ୍ତି । ଏହି ସବୁକିଛି ଦେଖି ମୋ ମନରେ ଇସ୍‌ଲାମ୍‌ର ମହାନତା ଅନୁଭବ ହେଲା । ଏହି ସାକ୍ଷାତ୍‌କାର ୮:୨୨ ପର୍ଯ୍ୟନ୍ତ ଜାରି ରହିଲା ।

ଏହାପରେ ଲିଥୋନିଆରୁ ଆସିଥିବା ଓଫଦ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଲିଥୋନିଆରୁ ୨୭ ଜଣ ଲୋକର ଦଳ ଆସିଥିଲା । ସେମାନଙ୍କ ମଧ୍ୟରୁ ୧୪ ଜଣ ଗଏର୍ ଅହେମଦୀ ଲୋକ ଏବଂ ବାକି ଅହେମଦୀ ଥିଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଅତିଥିମାନଙ୍କୁ ସମ୍ବୋଧନ କରି କହିଲେ ଯେ ଆପଣ ସମସ୍ତେ ଏଠାରେ ଜଲ୍‌ସା ଦେଖିଛନ୍ତି । ଏଠାରେ ଜଲ୍‌ସାରେ ସାମିଲ୍ ହୋଇ ଆପଣମାନଙ୍କୁ ଇସ୍‌ଲାମ୍ ସମ୍ବନ୍ଧରେ କୌଣସି ଭୟ ଅନୁଭବ ହୋଇଛି କି ? ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେଉଁ ଇସ୍‌ଲାମ୍ ଉପରେ ଆମେ ଅମଳ କରୁଅଛୁ ଏବଂ ଯାହାକୁ ଆମେ ପ୍ରସାର କରୁଅଛୁ ଏହା ହେଉଛି ହକିକି ଏବଂ ସଚ୍ଚା ଏବଂ ପକା ଇସ୍‌ଲାମ୍ । ଆପଣମାନେ ଘରେ କିଛି ଲୋକଙ୍କୁ କଂଟ୍ରୋଲ କରୁଛନ୍ତି । କିନ୍ତୁ ଏହା ସତ୍ୱେ ମଧ୍ୟ ଘରମାନଙ୍କରେ ଝଗଡ଼ା ଇତ୍ୟାଦି ହୋଇଯାଏ । ଏଠାରେ ୩୦ ରୁ ୪୦ ହଜାର ଲୋକ ପୁରୁଷ ସ୍ତ୍ରୀ ଓ ପିଲାମାନେ ଆସିଛନ୍ତି କିନ୍ତୁ କୌଣସି ଲଢ଼େଇ ଝଗଡ଼ା ନାହିଁ । ସମସ୍ତେ ପ୍ରେମ, ମହବତ୍ ଓ ଶାନ୍ତିର ସହିତ କାମ କରୁଛନ୍ତି । ଏହା ହେଉଛି ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା ।

ଏହାପରେ ଜଣେ ବନ୍ଧୁ କହିଲେ ଯେ ମୁଁ ୨୦୧୩ ମସିହାରେ ନର୍‌ଓ୍ୱେରେ ରହୁଥିବା ସମୟରେ ବୟତ୍ କରିଛି । ସେଠିକାର ମୋବୋଲିଗ୍‌ଙ୍କ ସହିତ ତବ୍‌ଲିଗ୍ ସମ୍ବନ୍ଧୀୟ କଥାବାର୍ତ୍ତା ହେଉଛି । ସେ ରଷିୟ ଭାଷା ଜାଣିଥିଲେ । ଏହି ତବ୍‌ଲିଗ୍ ପ୍ରୋଗ୍ରାମ୍ ପରେ ମୁଁ ବୟତ୍ କରିନେଲି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ବର୍ତ୍ତମାନ ଆପଣ ଇସ୍‌ଲାମ୍‌ର ସତ୍ ଶିକ୍ଷାକୁ ଗ୍ରହଣ କରିସାରିଛନ୍ତି । ବର୍ତ୍ତମାନ ଆପଣ ଶାନ୍ତି, ପ୍ରେମ ଏବଂ ଭାତୃଭାବର ରାଜଦୂତ ଅଟନ୍ତି । ବର୍ତ୍ତମାନ ଆପଣଙ୍କୁ ଦରକାର ଯେ ଇସ୍‌ଲାମ୍‌ର ଏହି ଶିକ୍ଷାକୁ ପ୍ରସାର ଓ ପ୍ରଚାର କରନ୍ତୁ । ଗୋଟିଏ ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆପଣମାନେ ନିଜର ଦୋଷ ଦୁର୍ବଳତାକୁ ଅନ୍ୟମାନଙ୍କଠାରୁ ତ ଲୁଚାଇପାରିବେ କିନ୍ତୁ ଖୁଦାତାଲାଙ୍କୁ ଲୁଚାଇପାରିବେ ନାହିଁ । ପରିଶେଷରେ ପ୍ରତ୍ୟେକ ବ୍ୟକ୍ତି ଖୁଦାତାଲାଙ୍କ ନିକଟରେ ପେଶ୍ ହେବେ । ସେଥିଯୋଗୁ ପୁରା ଚେଷ୍ଟା କରନ୍ତୁ ଯେ ଖୁଦାତାଲାଙ୍କ ହକ୍ ତାଙ୍କୁ ପ୍ରଦାନ କରନ୍ତୁ ଏବଂ ଖୁଦାତାଲାଙ୍କ ସୃଷ୍ଟିର ଅଧିକାରକୁ ପ୍ରଦାନ କରନ୍ତୁ । ଖୁଦାଙ୍କ ଭକ୍ତମାନଙ୍କର ହକ୍ ପ୍ରଦାନ କରନ୍ତୁ । ସବୁବେଳେ ଅନ୍ୟମାନଙ୍କୁ ସମ୍ମାନ କରନ୍ତୁ ଏବଂ ଅନ୍ୟମାନଙ୍କ ପାଇଁ ଭଲ ବିଚାର ରଖନ୍ତୁ ।

ଏହି ଓଫଦ୍‌ରେ ସାମିଲ୍ ହୋଇଥିବା ହିନ୍ଦୁସ୍ତାନ ସହିତ ସମ୍ପର୍କ ରଖିଥିବା ଜଣେ ଅତିଥିଙ୍କୁ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆପଣ ଯେତେବେଳେ ହିନ୍ଦୁସ୍ଥାନ ଯିବେ ତେବେ ସେଠି କାଦିଆନ୍ ମଧ୍ୟ ବୁଲିଆସିବେ ।

ଜଣେ ଅତିଥି ଯାହାଙ୍କ ନାମ ଅଗଷ୍ଟିନାସ୍ ସୁଲୈଜା ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ମୋତେ ଏପରି ଲାଗିଲା ଯେପରି ମୁଁ ନିଜ ଘରେ ବସିଅଛି । ଆପଣଙ୍କର ଯମାତ୍ ଦୁନିଆର ବିଭିନ୍ନ ଇଲାକାରୁ ଅଳ୍ପ ସମୟ ପାଇଁ ଏଠାକୁ ଆସି ଏକତ୍ରିତ ହୋଇଛନ୍ତି । ଏବଂ ଚାରିଆଡ଼େ ତ୍ୟାଗ ଓ ଉତ୍ସର୍ଗର ରୁହ୍ ଦେଖାଯାଉଛି । ମୋ ପରି ଜଣେ ଅପରିଚିତ ବ୍ୟକ୍ତିଙ୍କ ପାଇଁ ଏହା ବହୁତ ଆଶ୍ଚର୍ଯ୍ୟର କଥା । ଏହା ବିଲ୍‌କୁଲ୍ ଗୋଟିଏ ନୂଆ ଦୁନିଆ । ମୁଁ ଏକଥାରେ ବହୁତ ଖୁସି ଯେ ମୋତେ ଭିନ୍ନ ଭିନ୍ନ ସଂସ୍କୃତି, ଧର୍ମ, ସମାଜ, ପରିଚୟ, ଖାଦ୍ୟପେୟ, ବିଭିନ୍ନ ପ୍ରକାର ପ୍ରଥା ଦେଖିବାକୁ ମୌକା ମିଳିଲା । ଆପଣମାନେ ଅହେମଦୀ ହୋଇଥିବା ଯୋଗୁଁ ପ୍ରତ୍ୟେକ ଦିନ ଗୋଟିଏ ମହାନ୍ ଉଦ୍ଦେଶ୍ୟ ପାଇଁ କଠିନତାର ମୁକାବିଲା କରିବା ଏବଂ ପୁଣି ଚେଷ୍ଟା କରିବା ପ୍ରସଂଶାଯୋଗ୍ୟ ଅଟେ । ମୋର ଏହା ଇଛା ଯେ ଏହି ପ୍ରଥା ପ୍ରତ୍ୟହ ରୁଟିନ୍‌ରେ ପଡ଼ିଯାଉ । ସୁତରାଂ ଆପଣମାନଙ୍କ ଭାବନା ଏବଂ ଆପଣମାନଙ୍କର କର୍ମ ସବୁଗୁଡିକ ସମ୍ପୁର୍ଣ୍ଣ ରୂପେ ଠିକ୍ ଏବଂ ସେଥିରେ ବିଶ୍ୱା ଭାତୃତ୍ୱ ଦେଖିବାକୁ ମିଳୁଛି ।

ଆଉ ଜଣେ ଅତିଥି Eimis vengrauskas ନିଜର ଭାବନା ବ୍ୟକ୍ତ କରି କହିଲେ ଯେ ଯମାତ୍‌କୁ ଏତେ ନିକଟରେ ଦେଖି ମୁଁ ବହୁତ ଆନନ୍ଦିତ । କାରଣ ଏହା ପୂର୍ବରୁ ମୋତେ ମୁସଲ୍‌ମାନଙ୍କ ବିଷୟରେ କିଛି ଜଣା ନଥିଲା ଏବଂ ଏହି ଜଲ୍‌ସା ଦ୍ୱାରା ମୋତେ ବହୁତ କିଛି ଶିଖିବାକୁ ଅବସର ମିଳିଲା । ବର୍ତ୍ତମାନ ମୁଁ ଜଣେ ଉତମ ବ୍ୟକ୍ତି ରୂପେ ଜୀବନ ଅତିବାହିତ କରିବି । ଏହି ଧର୍ମର ଶିକ୍ଷାଗୁଡିକ ଗୋଟିଏ ଭଲ ବ୍ୟକ୍ତି ଭାବରେ ଗଢ଼ିତୋଳିବା ପାଇଁ ମୋତେ ସାହାଯ୍ୟ କରିବେ । ମୋ ସହିତ ଏଠାରେ ବହୁତ ଉତମ ବ୍ୟବହାର କରାଗଲା । ମୋତେ ଏପରି ଲାଗିଲା ଯେପରି ମୁଁ ହିଁ ହେଉଛି ଏଠାରେ ଜଣେ ମାତ୍ର ଅତିଥି ଏବଂ ପ୍ରତ୍ୟେକ ବ୍ୟକ୍ତି ମୋ ଆରାମ୍ ପାଇଁ ଧ୍ୟାନ ରଖୁଥିଲେ । ମୁଁ ଏହି କଥାକୁ ବହୁତ ପ୍ରସଂଶା କରୁଛି । ମୋତେ ଖଲିଫା ଓ୍ୱକ୍ତଙ୍କ ସହିତ ସାକ୍ଷାତ୍ କରିବା ଏବ ହାତମିଳାଇବାର ସୌଭଗ୍ୟ ପ୍ରାପ୍ତ ହେଲା । ମୋତେ ତାଙ୍କୁ ପ୍ରଶ୍ନ ପଚାରିବାରେ ମଧ୍ୟ ମୌକା ମିଳିଲା । ମୋ ହୃଦୟ କୃତଜ୍ଞତାରେ ଭରିଗଲା ଯେ ଏତେ ଅଧିକ ଭିଡ଼ ହେବା ସତ୍ୱେ ମଧ୍ୟ ଆମକୁ ସାକ୍ଷାତ୍ କରିବା ପାଇଁ ସମୟ ଦିଆଗଲା ।

ଆଉଜଣେ ଅତିଥି tomas rachmanovas ନିଜର ଭାବନା ବ୍ୟକ୍ତ କରି କହିଲେ ଯେ ମୁଁ ଲିଥିଓନିଆରୁ ନିଜ ସ୍ତ୍ରୀ ଓ ଦୁଇଟି ପିଲାଙ୍କ ସହିତ ଜଲ୍‌ସାରେ ସାମିଲ୍ ହୋଇଛି । ମୁଁ youtube ରେ ଏହି ଜଲ୍‌ସାକୁ ଦେଖିଥିଲି କିନ୍ତୁ ମୁଁ ଏଠାକୁ ଆସି ନିଜ ଆଖିରେ ଯାହାକିଛି ଦେଖିଲି ତାକୁ ବର୍ଣ୍ଣନା କରିବା ପାଇଁ ମୋ ପାଖରେ ଭାଷାନାହିଁ । ଏହି ଯମାତ୍ ହେଉଛି ଅତି ଉତମ, ପ୍ରିୟ, ଏବଂ ଶାନ୍ତିପ୍ରିୟ ଯମାତ୍ । ଏବଂ ଖୁସିର କଥା ଏହା ଯେ ମୁଁ ଏହାକୁ ନିଜ ଫ୍ୟାମିଲି ସହିତ ଦେଖିଲି । ଯେଉଁ ବ୍ୟକ୍ତି ମଧ୍ୟ ଏହି ଜଲ୍‌ସାରେ ସାମିଲ୍ ହୋଇଛନ୍ତି ସେମାନଙ୍କୁ ମୋର ବହୁତ ବହୁତ ଶୁଭେଚ୍ଛା ।

କ୍ରମଶଃ...

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.2 Thursday 02 NOV 2017 Issue No. 44

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.300/- (Per Issue:Rs.6/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ (ଅଗଷ୍ଟ ୨୦୧୭)

(ରିପୋର୍ଟ:-ଅବ୍‌ଦୁଲ୍ ମାଜିଦ୍ ତାହେର୍, ଏଡ଼ିଶିନାଲ୍ ଓକିଲୁଲ୍ ତବ୍‌ଶିର୍ ଲଣ୍ଡନ୍)

## ରିପୋର୍ଟର ଅବଶିଷ୍ଟାଂଶ
## ୨୬ ଅଗଷ୍ଟ ୨୦୧୭ (ଶନିବାର)

ପ୍ରୋଗ୍ରାମ୍ ମୁତାବକ ତୃତୀୟ ପ୍ରହର ଠିକ୍ ୪ ଟା ସମୟରେ ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅ:ବ:ଅ ଜର୍ମାନୀ ଏବଂ ଅନ୍ୟାନ୍ୟ ଦେଶରୁ ଆସିଥିବା ଅତିଥି ମାନଙ୍କ ସହିତ ଗୋଟିଏ ପ୍ରୋଗ୍ରାମ୍‌ରେ ସାମିଲ୍ ହେବା ପାଇଁ ପୁରୁଷ ମାନଙ୍କର ଜଲ୍‌ସାଗାଃ କୁ ଆସିଲେ । ଏହି ପ୍ରୋଗ୍ରାମ୍‌ରେ ସାମିଲ୍ ହୋଇଥିବା ଅତିଥି ମାନଙ୍କର ସଂଖ୍ୟା ୭୭୯ ଥିଲା । ଜର୍ମାନୀର ବିଭିନ୍ନ ସହରରୁ ଆସିଥିବା ଅତିଥି ମାନଙ୍କର ସଂଖ୍ୟା ହେଉଛି ୨୦୩, ଆରବରୁ ଆସିଥିବା ଅତିଥି ମାନଙ୍କ ସଂଖ୍ୟା ହେଉଛି ୨୨୭, ଏସିଆରୁ ୧୭୧, ଆଫ୍ରିକା ଦେଶ ଗୁଡିକରୁ ୨୬, ଜର୍ମାନୀ ବ୍ୟତୀତ ୟୁରୋପ୍‌ର ଅନ୍ୟ ଦେଶମାନେ ଯେପରି ହଲାଣ୍ଡ୍, ସ୍ପେନ୍, ଫ୍ରାନ୍‌ସ, ବେଲଜିଅମ୍, ସୁଇଜର୍‌ଲାଣ୍ଡ୍, ବୁଲ୍‌ଗାରିଆ, ମାସିଡ଼ୋନିଆ, ଅଲ୍‌ବନିଆ, କୋସୋଭୋ, ବୋସ୍‌ନିଆ, ହଙ୍ଗେରି, କ୍ରୋରୋସିଆ, ଲିଥୋନିଆ, ସ୍ଲୋଭାନିଆ, ଲାତୁୟା ଏବଂ ଇଷ୍ଟୋନିଆ ରୁ ଆସିଥିବା ଅତିଥିମାନଙ୍କର ସଂଖ୍ୟା ଥିଲା ୧୯୦ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ଆଗମନ ପରେ ପ୍ରୋଗ୍ରାମ୍ ର ଶୁଭାରମ୍ଭ ପବିତ୍ର କୋରାନ୍ ପାଠ ଦ୍ୱାରା ହେଲା । ଏହାପରେ ଏହାର ଜର୍ମାନୀ ଅନୁବାଦ ଉପସ୍ଥାପନ କରାଗଲା । ପରେ ପରେ ୪:୦୭ ମିନିଟ୍‌ରେ ହଜୁର୍ ଅନୁଓ୍ୱର୍‌ଙ୍କ ଅଂଗ୍ରେଜୀ ଭାଷାରେ ଭାଷଣ ଆରମ୍ଭ ହେଲା ।

### ଜର୍ମାନୀ ଅତିଥିମାନଙ୍କୁ ହଜୁର୍ ଅନୁଓ୍ୱର୍‌ଙ୍କ ସମ୍ବୋଧନ

ତଶହୁଦ, ତଉଜ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ସମ୍ମାନୀୟ ଅତିଥିଗଣ ! ଅସ୍‌ସଲାମୋ ଆଲୈକୁମ୍ ଓ୍ୱ ରହମତୁଲ୍ଲାଃ ଓ୍ୱ ବର୍‌କାତୁହ୍ । ଆପଣ ସମସ୍ତଙ୍କ ପରେ ଅଲ୍ଲାଃଙ୍କର କରୁଣା ଏବଂ ଶାନ୍ତି ଅବତୀର୍ଣ୍ଣ ହେଉ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏଥିରେ କୌଣସି ଶଙ୍କା ନାହିଁ ଯେ ଆମେ ଅତ୍ୟନ୍ତ କଠିନ ଏବଂ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଅଛେ । ଯଦି ଆମେ ଆଜି ଏ ଦୁନିଆ ଉପରେ ଆଖି ଘୁରାଇବା ତେବେ ଆମକୁ ସବୁଆଡ଼େ ଶତୃତା, ବିଭିନ୍ନତା ଏବଂ ଅଶାନ୍ତି ଦେଖାଯିବ । ଲାଗୁଛି ଆଜି ଏ ସଂସାରର ଅଧିକାଂଶ ଲୋକେ ଏହା ଫଇସଲା କରିସାରିଛନ୍ତି ଯେ ଆଜିର ଏ ଦୁନିଆର ଯେଉଁ ପରିସ୍ଥିତି ତାର ଜିମେଦାର ଇସ୍‌ଲାମ୍ ଅଟେ । ମୁଁ ଭାବୁନାହିଁ ଯେ ଏହା ଠିକ୍ ବୋଲି । କେବଳ ମୁସଲ୍‌ମାନମାନେ ହିଁ ସମଗ୍ର ସଂସାରରେ ଫିତ୍‌ନା ଏବଂ ଫସାଦ୍‌ର କାରଣ ନୁହଁନ୍ତି । ବହୁତ ଦୁଃଖର ବିଷୟ ଯେ କିଛି ତଥାକଥିତ ମୁସଲ୍‌ମାନଙ୍କର ଗୋଷ୍ଠୀ ସଂସାରର ଶାନ୍ତିକୁ ଭଙ୍ଗ କରିଛନ୍ତି ଏବଂ ଘୃଣାକୁ ପ୍ରସାର କରୁଛନ୍ତି । ଅତ୍ୟନ୍ତ କୁତ୍ସିତ ଅତ୍ୟାଚାର କରି ଅଣ ମୁସ୍‌ଲିମ୍ ଗୋଷ୍ଠୀମାନଙ୍କ ଭିତରେ ଭୟର ବାତାବରଣ ସୃଷ୍ଟି କରିଛନ୍ତି । ନିଶ୍ଚିତ ରୂପେ ମୁଁ ଏ କଥାକୁ ନିଜେ ଗ୍ରହଣ କରିବା ପାଇଁ ପଛାଇବି ନାହିଁ ଯେ ଏହିଭଳି ମୁସଲ୍‌ମାନ୍ ମାନେ ସମାଜରେ ଫିତ୍‌ନା, ଫିସାଦ୍ ଏବଂ ଭିନ୍ନତା ସୃଷ୍ଟି କରିବା ପାଇଁ ବହୁତ ବଡ଼ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରୁଛନ୍ତି । ଏହାର ଗୋଟିଏ ବଡ଼ କାରଣ ହେଉଛି କଠୋରପନ୍ଥୀ ଗୋଷ୍ଠୀ ଏବଂ ଓ୍ୱଲେମାମାନେ ସାଧାସିଧା ମୁସଲ୍‌ମାନ୍‌ମାନଙ୍କୁ ନିଜର ଶିକାରରେ ଫସାଇ ଦେଉଛନ୍ତି ଏବଂ ସେମାନଙ୍କୁ ସିଧା ରାସ୍ତାରେ ଆଣିବା ପରିବର୍ତ୍ତେ ସେମାନଙ୍କର ମନକୁ କଠୋରବାଦୀ ଜହରରେ ଭରିଦେଉଛନ୍ତି ଏବଂ ସେମାନଙ୍କୁ ମୌଳବାଦୀ କରିଦେଉଛନ୍ତି । କିଛି ଲୋକଙ୍କ ମନରେ ଏ ବିଷକୁ ଏତେ ଭରି ଦିଆଯାଇଛି ଯେ ସେମାନେ ବହୁତ ଭୟାନକ ଅତ୍ୟାଚାର କରିବାକୁ ପଛାଉନାହାଁନ୍ତି । ଏହା ସହିତ ଆମେ ବହୁତ ଦିନରୁ ଦେଖିଆସୁଛୁ ଯେ କିଛି ମୁସଲ୍‌ମାନ୍ ସରକାର ନିଜ ନାଗରିକଙ୍କ ସହିତ ବହୁତ ଖରାପ ବ୍ୟବହାର କରିଚାଲିଛନ୍ତି ଏବଂ ଏହି ସରକାରଗୁଡିକ ସାଧାରଣ ଲୋକଙ୍କ ସହିତ ବହୁତ ଅତ୍ୟାଚାର ଏବଂ ଅନ୍ୟାୟ କରିଚାଲିଛନ୍ତି । ଯାହାଫଳରେ ବିଚ୍ଛିନ୍ନତାବାଦୀ ସୃଷ୍ଟି ହୋଇଛି । ଯାହା ପରିଶେଷରେ ହତ୍ୟା ଓ ଗୃହ ଯୁଦ୍ଧର କାରଣ ହୋଇଯାଇଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏହା ସତ୍ୱେ ମଧ୍ୟ ଏକଥା ସମ୍ପୂର୍ଣ୍ଣ ରୂପେ ସ୍ପଷ୍ଟ ହେବା ଉଚିତ୍ ଯେ, ଏଥିରେ କିଛି ଫରକ ପଡୁନାହିଁ ଯେ ସନ୍ତ୍ରାସବାଦୀମାନେ କଣ ଦାବି କରୁଛନ୍ତି । ସମସ୍ତ ସନ୍ତ୍ରାସବାଦୀ ଗୋଷ୍ଠୀ ଓ କଠୋରପନ୍ଥୀ ଗୋଷ୍ଠୀ, ସେମାନେ ପାଶ୍ଚାତ୍ୟ ଦେଶର ହୁଅନ୍ତୁ ବା ମୁସଲ୍‌ମାନ ଦେଶମାନଙ୍କ ଭିତରୁ ହୁଅନ୍ତୁ ସମସ୍ତେ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷାର ବିପରୀତ କାର୍ଯ୍ୟ କରୁଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଇସ୍‌ଲାମ୍‌ର ଶିକ୍ଷା ହେଉଛି ବିନା ବାଛ ବିଚାରରେ ମାନବଜାତି ନିମନ୍ତେ ଶାନ୍ତି ଓ ସୁରକ୍ଷା ପ୍ରଦାନ କରିବା ଏହି ଶିକ୍ଷାର ମୁଳଦୁଆ ହେଉଛି ଅନୁକମ୍ପା, ପ୍ରେମ ଓ ମାନବିକତା । ଏହି ଶିକ୍ଷା ଉପରେ ଯମାତ୍ ଅହେମଦୀୟା ବିଶ୍ୱାସ ରଖେ ଓ ବିଗତ ୧୨୫ ବର୍ଷ ହେବ ଦୁନିଆରେ ଉକ୍ତ ଶିକ୍ଷାକୁ ପ୍ରସାର କରିବା ପାଇଁ ଅହରହ ଚେଷ୍ଟା ଚଳାଇ ଆସିଛି । ତେଣୁ ମୁଁ ପୁଣି କହିବି ଇସ୍‌ଲାମ୍ କୌଣସି ପ୍ରକାର ଅତ୍ୟାଚାର, ଅନ୍ୟାୟ ବା କୁତ୍ସିତ କର୍ମକୁ କଦାପି ଅନୁମତି ଦିଏନାହିଁ । ଇସ୍‌ଲାମ୍ ପ୍ରଥମରୁ ହିଁ ବିଭିନ୍ନ ଜାତି ମଧ୍ୟରେ କୌଣସି ପ୍ରକାର ବିଚ୍ଛିନ୍ନତା ସୃଷ୍ଟି ନକରି ମାନବ ସମାଜକୁ ଗୋଟିଏ ହାତରେ ଏକାଠି କରିବା ପାଇଁ ଶିକ୍ଷା ଦେଇଆସିଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ବାସ୍ତବିକ ପବିତ୍ର କୋରାନ୍ ଯାହା ଉପରେ ମୁସଲ୍‌ମାନମାନେ ବିଶ୍ୱାସ ଆଣିଛନ୍ତି ଓ ତାହା ଅଲ୍ଲାଃତାଲାଙ୍କର ବାଣୀ ଅଟେ ଯାହା ପୈଗମ୍ବର୍ ଇସ୍‌ଲାମ୍ ସ:ଆ:ସ ଙ୍କ ଉପରେ ଅବତୀର୍ଣ୍ଣ ହୋଇଛି ତାର ପ୍ରଥମ ସୁରାରେ ଆସୁଛି ଯେ ''ଅଲ୍ଲାଃତାଲା ସମଗ୍ର ବିଶ୍ୱର ପାଳନକର୍ତ୍ତା ଅଟନ୍ତି'' ଅର୍ଥାତ୍-ଅଲ୍ଲାଃତାଲା କେବଳ ମୁସଲ୍‌ମାନ୍ ମାନଙ୍କର ଖୁଦା ନୁହଁନ୍ତି ବରଂ ସେ ଇସାଇ, ୟୁହୁଦୀ ଓ ସବୁ ଧର୍ମକୁ ମାନୁଥିବା ଲୋକମାନଙ୍କର ମଧ୍ୟ ଖୁଦା ଅଟନ୍ତି । ସେମାନଙ୍କର ମଧ୍ୟ ଖୁଦା ଅଟନ୍ତି ଯେଉଁମାନେ କୌଣସି ଧର୍ମକୁ ମାନନ୍ତି ନାହିଁ ଓ ଖୁଦାଙ୍କ ଅସ୍ତିତ୍ୱ ଉପରେ ମଧ୍ୟ ବିଶ୍ୱାସ ରଖନ୍ତି ନାହିଁ । ସୁତରାଂ ଅଲ୍ଲାଃତାଲା ସମଗ୍ର ମାନବଜାତିର ପାଳନକର୍ତ୍ତା ଏବଂ ସେ ତାର କରୁଣା ଓ କୃପାକୁ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତ ମାନବ ଜାତି ଉପରେ ଅବତୀର୍ଣ୍ଣ କରିଛି । ସେଥିପାଇଁ ପବିତ୍ର କୋରାନ୍‌ରେ ଯେଉଁ ଆରବୀ ଶବ୍ଦ ବ୍ୟବହାର ହୋଇଛି ''ରବ୍‌ବୁଲ୍ ଆଲମିନ୍'' ଅଲ୍ଲାଃତାଲା ଏଠାରେ 'ଆଲମ୍' ଶବ୍ଦ ବ୍ୟବହାର କରିଛନ୍ତି ଯାହାର ଇଂରାଜୀ ଅନୁବାଦ **World** (ସଂସାର) କରାଯାଏ । କିନ୍ତୁ କୌଣସି ଅନୁବାଦ ଏହି ଶବ୍ଦକୁ ବାସ୍ତବିକ ରୂପେ ଆୟତ କରିପାରିବ ନାହିଁ । ଏହି ଶବ୍ଦ ଆଲମ୍ ବହୁତ ବ୍ୟାପକ ଅଟେ । ଏହି ଶବ୍ଦକୁ ବ୍ୟବହାର କରି ଅଲ୍ଲାଃତାଲା ସ୍ପଷ୍ଟ କରିଦେଇଛନ୍ତି ଯେ ଅଲ୍ଲାଃତାଲା କୌଣସି ବିଶେଷ ଧର୍ମର ମାନିବା ଲୋକକୁ ବା କୌଣସି ବିଶେଷ ସମୟରେ ରହିଥିବା ଲୋକଙ୍କର ସେ ଖୁଦା ନୁହଁନ୍ତି ବରଂ ସେ ସବୁ ଯୁଗରେ ସବୁ ଜାତି ପାଇଁ ଓ ସମସ୍ତ ଧର୍ମକୁ ମାନୁଥିବା ବ୍ୟକ୍ତିଙ୍କର ପାଳନକର୍ତ୍ତା ଅଟନ୍ତି । ସୁତରାଂ ଏହି ଶବ୍ଦଟି ବହୁତ ସୁନ୍ଦର ଓ ଅତ୍ୟନ୍ତ ହିକ୍‌ମତ୍ ରେ ପରିପୁର୍ଣ୍ଣ ଅଟେ । ଏହି ଶବ୍ଦଟି ଭିତରେ ବିଶ୍ୱ ଭାତୃତ୍ୱର ପବିତ୍ରତା ଭରି ରହିଛି ଏବଂ ଏଥିରେ ବହୁତ ସ୍ପଷ୍ଟ ରୂପେ କୁହାଯାଇଛି ଯେ ଏ ସଂସାରରେ କୌଣସି ପ୍ରକାରର ଜାତି ଭେଦର ସ୍ଥାନ ନାହିଁ ଏବଂ ଏହି ଶବ୍ଦ ଏହା ମଧ୍ୟ ସ୍ପଷ୍ଟ କରୁଛି ଯେ ଅଲ୍ଲାଃତାଲାଙ୍କର କରୁଣା ଓ କୃପା କୌଣସି ବିଶେଷ ଜାତି ପାଇଁ ନିର୍ଦ୍ଦିଷ୍ଟ ନୁହେଁ ବରଂ ଜାତି ଧର୍ମ ନିର୍ବିଶେଷରେ ସମସ୍ତଙ୍କ ପାଇଁ ଅଟେ । ଏହା ହେଉଛି ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା । ପୁଣି ମଧ୍ୟ ବହୁତ ଦୁଃଖର ସହିତ କହିବାକୁ ପଡୁଚି ଯେ ଆଜିକାଲି ଜାତିପ୍ରଥା ଏବଂ ବିଚ୍ଛିନ୍ନତାବାଦ ଦୁନିଆରେ ବଢ଼ିଚାଲିଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ବାସ୍ତବରେ ଯେଉଁମାନେ ଇସ୍‌ଲାମ୍ ଉପରେ ବିନା କାରଣରେ ଆରୋପ ଲଗାଉଛନ୍ତି ଯେ ଏହା ଅଣମୁସଲ୍‌ମାନ ମାନଙ୍କ ଉପରେ ବିଶେଷ ବ୍ୟବହାର କରୁଛି । ସେ ନିଜେ ଏହି ଆରୋପର ଭାଗିଦାରୀ ହେଉଛି । ଉଦାହରଣ ସ୍ୱରୂପ ଅଳ୍ପ ଦିନ ହେବ ଜଣେ ଆମେରିକା ରାଜନୈତିଜ୍ଞ ଏ ଟିପ୍ପଣୀ ଦେଲେ ଯେ ଗୋରା ଲୋକମାନେ ଅନ୍ୟ ଧର୍ମର ଲୋକ ଓ ଅନ୍ୟ ଜାତିର ଲୋକମାନେ ଯେପରି ନିଗ୍ରୋ ବା ଏସିଆର ଲୋକମାନଙ୍କ ଅପେକ୍ଷା ମାନବ

*ଅବଶିଷ୍ଟାଂଶ ପୃଷ୍ଠା-୬ ରେ ଦେଖନ୍ତୁ.......*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan